# ଚାଣକ୍ୟ ଶ୍ଲୋକ

ବା

## ଚାଣକ୍ୟ ସାର ସଂଗ୍ରହ



(ସମସ୍ତ ପ୍ରକାର ପଞ୍ଜିକା ଓ ପୁସ୍ତକ ମିଳିବାର ଏକମାତ୍ର ଠିକଣା)

—ପ୍ରକାଶକ ଓ ପ୍ରାପ୍ତିସ୍ଥାନ—

**ଓଡ଼ିଶା କୋହିନୂର ପ୍ରେସ ଓ ପୁସ୍ତକ ଭଣ୍ଡାର**

ଚୌଧୁରୀ ବଜାର କଟକ-୭୫୩୦୦୨

**ମୂଲ୍ୟ ଟ୨-୦୦ ମାତ୍ର** ନୂତନ ସଂସ୍କରଣ-୧୯୮୭

# ଚାଣକ୍ୟ ଶ୍ଳୋକ

ବା

## ଚାଣକ୍ୟ ସାର ସଂଗ୍ରହ

ନାନାଶାସ୍ତ୍ରୋଦ୍ଧୃତଂ ବକ୍ଷ୍ୟେ ରାଜନୀତି ସମୁଚ୍ଚୟଂ ।
ସର୍ବବୀଜମିଦଂ ଶାସ୍ତ୍ରଂ ଚାଣକ୍ୟଂ ସାରସଂଗ୍ରହଂ । ୧ ।

ନାନାଶାସ୍ତ୍ର ପୁରାଣରୁ ସଂଗ୍ରହ କରଣେ । ରାଜନୀତି ସମୁହକୁ କରୁଛି ବଖାଣେ । ସମସ୍ତ ଶାସ୍ତ୍ରର ମୂଳ ଚାଣକ୍ୟ ଅଟଇ । ସାର ସଂଗ୍ରହ ବୋଲଣ ନାମ ଅଛୁ ହୋଇ । ୨ ।

ମୂଳସୂତ୍ରଂ ପ୍ରବକ୍ଷ୍ୟାମି ଚାଣକ୍ୟେନୋ ଯଥୋଦିତଂ
ଯସ୍ୟ ବିଜ୍ଞାନମାତ୍ରେଣ ମୂର୍ଖୋ ଭବତି ପଣ୍ଡିତ । ୨ ।

ଯେଉଁ ପଦ କହିଥିଲେ ଚାଣକ୍ୟ ପଣ୍ଡିତ । ସେ ମୂଳ ସୂତ୍ରକୁ ଲୋକେ କରିବା ବ୍ୟକତ । ଯାହା ଜାଣିଲେ ଶୁଣିଲେ ଜ୍ଞାନ ଜାତ ହେବ । ମୂର୍ଖରୁ ମୂର୍ଖତା ଯାଇ ପଣ୍ଡିତ ହୋଇବ । ୨ ।

ମାଣିକ୍ୟମିବ ଚାଣକ୍ୟ କଣ୍ଠେ ସୁଧୃତ ଯୋ ନରଃ ।
ସପୂଜ୍ୟଃ ସତତଂ ଲୋକେ ଦେବେ ବାଚସ୍ପତି ଯଥା । ୩ ।

ମାଣିକ୍ୟଃ ସଦୃଶ ଚାଣକ୍ୟକୁ ହାର କରି । କଣ୍ଠସ୍ଥ କରାଇ ଯେବୁ ଅତି ଯତ୍ନ କରି । ସବୁଠାରେ ପୂଜା ତାର ନିଶ୍ଚୟ ହୁଅଇ । ଦେବ ମଧ୍ୟେ ବୃହସ୍ପତି ଯଥା ପୂଜା ପାଇ । ୩ ।

ବିଦ୍ବତ୍ତ୍ୱଞ୍ଚ ନୃପତ୍ୱଞ୍ଚ ନୈବତୁଲ୍ୟଂ କଦାଚନ ।
ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍‌ସର୍ବତ୍ର ପୂଜ୍ୟତେ । ୪ ।

ବିଦ୍ୟା ସଙ୍ଗେ ରାଜପଣ ନୁହଇ ସମାନ । ସମାନ କରିବା ଲୋକ ମୂର୍ଖରେ ଗଣନ । ରାଜା ପୂଜାପାଏ ସିନା ଆପଣା ଦେଶରେ । ବିଦ୍ୟାବନ୍ତ ପୂଜାପାଏ ଦେଶ ବିଦେଶରେ । ୪ ।

ପଣ୍ଡିତେ ଚ ଗୁଣାସର୍ବେ ମୂର୍ଖେ ଦୋଷାହି କେବଳଂ
ତସ୍ମାନ୍ମୂର୍ଖ ସହସ୍ରେଷୁ ପ୍ରାଜ୍ଞୋ ଏକୋ ବିଶିଷ୍ୟତେ । ୫ ।

ସର୍ବେ ସୁଗୁଣେ ପଣ୍ଡିତ ଅଟନ୍ତି ନିପୁଣ । ମନ୍ଦ ଗୁଣ ସବୁ ମୂର୍ଖ ଠାରେ ବିଦ୍ୟମାନ । ଏ ହେତୁ ସହସ୍ରେ ମୂର୍ଖ ପୂଜା ନ ପାଆନ୍ତି । ମାତ୍ର ଗୋଟିଏ ପଣ୍ଡିତ ବହୁ ପୂଜା ପାଆନ୍ତି । ୫ ।

✓ ମାତୃବତ୍ ପରଦାରେଷୁ ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍ ।
ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସପଣ୍ଡିତଃ । ୬ ।

ପରନାରୀ ଦେଖି ଯେହୁ ମଣେ ମାତା ସମ । ଗୋଡ଼ ମାଟି ପରି ମନେ କରେ ପର ଧନ । ସମସ୍ତ ପ୍ରାଣୀଙ୍କି ନିଜପରି ମନେ କରେ । ତାହାକୁ ପଣ୍ଡିତ ବୋଲି ସଂସାର ମଧ୍ୟରେ । ୬ ।

କିଂ କୁଳେନ ବିଶାଳେନ ଗୁଣହୀନସ୍ତୁ ଯେ ନରଃ
ଅକୁଳୀନୋଽପି ଶାସ୍ତ୍ରଜ୍ଞୋ ଦୈବତୈରପି ପୂଜ୍ୟତେ । ୭ ।

ଉଚ୍ଚକୁଳେ ଜାତ ହେଲେ କିସ ପ୍ରୟୋଜନ । ଗୁଣହୀନ ହେଲେ ସେହି ନୁହଇ କାରଣ । ନୀଚକୁଳେ ଜନ୍ମ ହୋଇ ହେଲେ ସୁପଣ୍ଡିତ । ତାହାକୁ ପୂଜା କରନ୍ତି ଦେବତା ସମସ୍ତ । ୭ ।

ରୂପଯୌବନସମ୍ପନ୍ନା ବିଶାଳ କୁଳସମ୍ଭବାଃ
ବିଦ୍ୟାହୀନ ନ ଶୋଭନ୍ତେ ନିର୍ଗନ୍ଧାଇବ କିଂଶୁକା । ୮ ।

ଉଚ୍ଚ ବଂଶେ ଜନ୍ମି ରୂପ ଯୌବନ ଶୋଭନ । ହୋଇଲେ କି ହେବ ଯେବେ ହୁଏ ବିଦ୍ୟାହୀନ । ଯେପରି ପ୍ରକାଶ ପୁଷ୍ପ ଦିଶେ ମନୋହର । ମାତ୍ର ଗନ୍ଧହୀନ ହେତୁ ନୁହଇ ଆଦର । ୮ ।

ନକ୍ଷତ୍ରଂ ଭୂଷଣଂ ଚନ୍ଦ୍ରୋ ନାରୀଣାଂ ଭୂଷଣଂ ପତି
ପୃଥିବୀ ଭୂଷଣଂ ରାଜା ବିଦ୍ୟା ସର୍ବସ୍ୱ ଭୂଷଣଂ । ୯ ।

ନକ୍ଷତ୍ରଗଣେ ଭୂଷଣ ଚନ୍ଦ୍ରମା ଯେପରି । ନାରୀମାନଙ୍କ ଭୂଷଣ ପତି ସେହିପରି । ରାଜା ସିନା ପୃଥିବୀରେ ଅଟଇ ଭୂଷଣ । ସକଳ ସ୍ଥାନେ ଭୂଷଣ ଅଟଇ ବିଦ୍ୱାନ । ୯ ।



ମାତା ଶତ୍ରୁ ପିତା ବୈରୀଃ ଯେନ ବାଳ ନ ପାଠିତଃ ।
ସଭା ମଧ୍ୟେ ନ ଶୋଭନ୍ତେ ହଂସ ମଧ୍ୟେ ବକ ଯଥା ।୧୦ ।

ଯେଉଁ ମାତା ପିତା ବାଳକକୁ ନ ପଢ଼ାନ୍ତି । ମାତା ଶତ୍ରୁପରି ପିତା ବୈରୀ ତୁଲ୍ୟ ହୋନ୍ତି । ମୂର୍ଖ ପୁତ୍ର ସଭା ମଧ୍ୟେ ଶୋଭା ଯେ ନ ପାଏ । ଯେହ୍ନେ ହଂସସନ୍ତ ମଧ୍ୟେ ବକ ଦେଖାଯାଏ । ୧୦ ।

ବରମେକୋ ଗୁଣୀ ପୁତ୍ରଃ ନଚ ମୂର୍ଖ ଶତୈରପି ।
ଏକଶ୍ଚନ୍ଦ୍ର ସ୍ତମୋହନ୍ତି ନ ଚ ତାରା ଗଣୈରପି । ୧୧ ।

ଗୋଟିଏ ପୁତ୍ର ହୋଇବ ମାତ୍ର ଗୁଣବାନ । ଶତମୂର୍ଖ ପୁତ୍ର ହେଲେ କିସ ପ୍ରୟୋଜନ । ଏକ ଚନ୍ଦ୍ର ଉଦେ ହୋଇ ଅନ୍ଧକାର ନାଶେ । ଲକ୍ଷ ଲକ୍ଷ ତାରା ଥାଇ କି ହେବ ଆକାଶେ । ୧୧ ।

✓ ଲାଳୟେତ୍ ପଞ୍ଚବର୍ଷାଣି ଦଶବର୍ଷାଣି ତାଡ଼ୟେତ୍ ।
ପ୍ରାପ୍ତେ ତୁ ଷୋଡ଼ଶବର୍ଷେ ପୁତ୍ରଂ ମିତ୍ରଂ ଭବାଚରେତ ।୧୨।

ପାଞ୍ଚବର୍ଷ ପର୍ଯ୍ୟନ୍ତେ କରିବ ଲାଳନ । ତହୁଁ ଦଶବର୍ଷ ଯାଏ କରିବ ତାଡ଼ନ । ଷୋଳ ବରଷ ପୁତ୍ରକୁ ଯେତେବେଳେ ହେବ । ପୁତ୍ରଠାରେ ମିତ୍ର ଭବ ତହୁଁ ଆଚରିବ । ୧୨ ।

ଏକେନାପି ସୁବୃକ୍ଷେଣ ପୁଷ୍ପିତେନ ସୁଗନ୍ଧିନା ।
ବାସିତଂ ତଦ୍ବନଂ ସର୍ବଂ ସୁପୁତ୍ରେଣ କୁଳଂ ଯଥା ।୧୩।

ସୁଗନ୍ଧ ପୁଷ୍ପ ବୃକ୍ଷେକ ଥିଲେ ବନସ୍ତରେ । ସୁବାସରେ ବନ ଯାକ ଆମୋଦିତ କରେ । ସେପରି ସୁପୁତ୍ର ଏକ ହେଲେ ବଂଶେ ଜାତ । କୁଳ ଉଜ୍ଜ୍ୱଳ କରଇ ଏହା ସୁନିଶ୍ଚିତ । ୧୩ ।

ଏକୋନାପି କୁବୃକ୍ଷେଣ କୋଟରସ୍ଥେନ ବହ୍ନିନା ।
ଦହ୍ୟତେ ତଦ୍ବନଂ ସର୍ବଂ କୁପୁତ୍ରେଣ କୁଳଂ ଯଥା ।୧୪।

ଗୋଟିଏ କୁବୃକ୍ଷ ଥିଲି କାନନ ମଧ୍ୟରେ । କୋଠର ଅଗ୍ନିରେ ବନ ଭସ୍ମୀଭୂତ କରେ । ସେହିପରି କୁଳାଙ୍ଗାର ପୁତ୍ର ଜନମିଲେ । ଧନ ମାନ ନାଶି ବଂଶ ବୁଡାଏ ସେ ଭଲେ । ୧୪ ।

ଦୂରତଃ ଶୋଭସେ ମୂର୍ଖୋ ଲମ୍ବାଶାଟ ପଟାବୃତଂ ।
ତାବଚ୍ଚ ଶୋଭତେ ମୂର୍ଖୋ ଯାବତ କିଞ୍ଚି ନ ଭାଷତେ ।୧୫।

ଲମ୍ବ ସାଟ ପିନ୍ଧି ମୂର୍ଖ ଦୂରୁ ଶୋଭାପାଏ । ଯେ ପର୍ଯ୍ୟନ୍ତ କଉଣସି କଥା ସେ ନ ଭାଷେ । କଥା କହିବା ମାତ୍ରକେ ଜଣାପଡ଼େ ଗୁଣ । ଗଉରବ ପଣ ତାର ହୁଏ ଅକାରଣ । ୧୫ ।

ବିଷାଦପ୍ୟମୃତଂ ଗ୍ରାହ୍ୟ ମମେଧ୍ୟାଦପି କାଞ୍ଚନଂ ।
ନୀଚ୍ଚମପ୍ୟୁତ୍ତମଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପିଃ । ୧୬ ।

ବିଷ ମଧ୍ୟରୁ ଅମୃତ ଗ୍ରହଣ କରିବେ । ବିଷ୍ଠାରେ ସୁବର୍ଣ୍ଣ ଥିଲେ ତାହାକୁ ତୋଳିବେ । ନୀଚଲୋକ ଠାରୁ ଭଲ ବିଦ୍ୟାକୁ ଶିଖିବ । ଗୁଣବନ୍ତୀ ନାରୀ ନୀଚକୁଳେ ଥିଲେ ନେବ । ୧୬ ।

ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷେ ଶତ୍ରୁ ବିଗ୍ରହେ ।
ରାଜଦ୍ୱାରେ ଶ୍ମଶାନେଚ ଯସ୍ତିଷ୍ଠତି ସ ବାନ୍ଧବଃ । ୧୭ ।

ଉତ୍ସବେ ବିପଦେ ପୁଣି ଦୁର୍ଭିକ୍ଷ କାଳରେ । ଶତ୍ରୁର ଦମନ କିବା ଶ୍ମଶାନ ଭୂମିରେ । ବିପଦେ ବିପଦ ଜ୍ଞାନ ଉତ୍ସବେ ଉତ୍ସବ । ଯେ ସମାନ ଜ୍ଞାନ କରେ ସେହି ସେ ବାନ୍ଧବ । ୧୭ ।

ପରୋକ୍ଷେ କାର୍ଯ୍ୟହନ୍ତାରଂ ପ୍ରତ୍ୟକ୍ଷେ ପ୍ରିୟବାଦିନଂ ।
ବର୍ଜୟେତ୍ତାଦୃଶଂ ମିତ୍ରଂ ବିଷକୁମ୍ଭଂ ପୟୋମୁଖଂ । ୧୮ ।

କହଇ ପ୍ରିୟ ମଧୁର କଥାକୁ ଆଗରେ । ଅନ୍ତର ହୋଇଲା ମାତ୍ର ସର୍ବନାଶ କରେ । ବିଷକୁମ୍ଭ ମୁଖେ ସୁଧା ରଖିଲା ପ୍ରକାର । ଏପରି ମିତ୍ରକୁ ଆଗେ ପରିତ୍ୟାଗ କର । ୧୮ ।

ଶତ୍ରୁ ତୁଷ୍ଟଞ୍ଚ ମିତ୍ରଂ ଯଃ ପୁନଃ ସନ୍ଧାତୁ ମିଚ୍ଛତି ।
ସମୃତ୍ୟୁ ପ୍ରଗୃହ୍ଣାତି ଗର୍ଭମଶ୍ୱତରୀ ଯଥା । ୧୯ ।

ଯାହା ସଙ୍ଗତରେ ଥରେ ଶତ୍ରୁତା ହୋଇବ । ପୁନରପି ତା ସହିତ ଭାବ ନ କରିବ । ଅଶ୍ୱତରୀ ଗର୍ଭେ ଯେଉଁ ଦଶାକୁ ଲଭଇ । ସେପରି ଆପଣ । ମୃତ୍ୟୁ ସ୍ୱହସ୍ତେ ଆଣଇ । ୧୯ ।



ନ ବିଶ୍ୱସେଦବିଶ୍ୱସ୍ତଂ ମିତ୍ରଞ୍ଚାପି ନ ବିଶ୍ୱସେତ ।
କଦାଚିତ କୁପିତଂ ମିତ୍ରଂ ସର୍ବଦୋଷ ପ୍ରକାଶୟେତ ।୨୦।

ଅବିଶ୍ୱାସ ବିଶ୍ୱାସ କେଭେ ନ କରିବ । ମିତ୍ର ଆଗେ କେବେ ଗୁପ୍ତକଥା ନ କହିବ । ଦୈବବେଳେ ଯଦି କେବେ ବିବାଦ ହୁଅଇ । ବିଶ୍ୱାସ କଥାକୁ କହି ପ୍ରମାଦ ଘଟାଇ । ୨୦ ।

ଜାନୀୟାତ ପ୍ରେଷଣେ ଭୃତ୍ୟାନ୍ ବାନ୍ଧବାନ୍ ବ୍ୟସନାଗମେ
ମିତ୍ରଞ୍ଚା ପଦି କାଳେ ଚ ଭାର୍ଯ୍ୟାଞ୍ଚ ବିଭବ କ୍ଷୟେ । ୨୧ ।

କାର୍ଯ୍ୟ ସମୟେ ଜାଣିବ ଭୃତ୍ୟ ବ୍ୟବହାର । ଦୁଃଖ ସମୟେ ଜାଣିବ ବନ୍ଧୁତା ବେଭାର । ବିପଦ କାଳେ ଜାଣିବ ମିତ୍ରର ମିତ୍ରତା । ଧନ ଶେଷେ ବୁଝିବ ଯେ ସ୍ତ୍ରୀଙ୍କ ଆତ୍ମୀୟତା । ୨୧ ।

ଉପକାର ଗୃହୀତେନ ଶତ୍ରୁଣା ଶତ୍ରୁ ମୁଦ୍ଧରେତ ।
ପାଦଲଗ୍ନ କରସ୍ଥେନ କଣ୍ଟକେ ନୈବ କଣ୍ଟକଂ । ୨୨ ।

ଶତ୍ରୁ ବଶକର ଉପକାରକୁ କରିଣ । ତା ସାହାଯ୍ୟ ଅନ୍ୟ ଶତ୍ରୁ କରିବ ଦଳନ । ଯେପରି ପାଦରେ କଣ୍ଟା ବୋହିଲେ ଗୋଟିଏ ଅନ୍ୟ କଣ୍ଟା ସାହାଯ୍ୟେ ବାହାର କରାଯାଏ । ୨୨ ।

ନ କଶ୍ଚିତ କସ୍ୟ ମିତ୍ରଂ ନ କଶ୍ଚିତ କସ୍ୟଚିଦ୍ରିପୁଃ ।
କାରଣେନ ହିଁ ଜାୟନ୍ତେ ମିତ୍ରାଣି ରିପବସ୍ତଥା । ୨୩ ।

ସଂସାରରେ ଶତ୍ରୁ କେହି ନୁହଇ କାହାର । କେ କାହାର ମିତ୍ର ନୁହେ ଜାଣ ସୁଜନର । କାର୍ଯ୍ୟକାଳେ ଶତ୍ରୁ ମିତ୍ର ପଡ଼ିଯାଏ ଜଣା । ମୂର୍ଖମାନେ ବୁଝନ୍ତି ତା କରି ବିବେଚନା । ୨୩ ।

ଦୁର୍ଜନଃ ପ୍ରିୟବାଦୀ ଚ ନୈବ ବିଶ୍ୱାସ କାରଣଂ ।
ମଧୁତିଷ୍ଠତି ଜିହ୍ୱାଗ୍ରେ ହୃଦୟେ ହଳାହଳଂ । ୨୪ ।

ଦୁଷ୍ଟଲୋକ ଯେବେ ପ୍ରିୟେ ବଚନ କହିବ । କେତେବେଳେ ତା କଥାରେ ବିଶ୍ୱାସ ନ ଯିବ । ଦୁଷ୍ଟଲୋକ ଦୁଃଖେ ମିଷ୍ଟ ବଚନ କହଇ । ହୃଦରେ କପଟ ରଖି ସକଳ ନାଶଇ । ୨୪ ।

ଦୁର୍ଜ୍ଜନଃ ପରିହର୍ତ୍ତବ୍ୟୋ ବିଦ୍ୟାଲଙ୍କୃତୋଽପିସନ୍
ମଣିନା ଭୂଷିତଃ ସର୍ପଃ କିମସୌ ଭୟଙ୍କର । ୨୫ ।

ଦୁଃଷ୍ଟଲୋକ ଯେବେ ବିଦ୍ୟା ପଢ଼ି ଣ ପଣ୍ଡିତ । ହେଲେ ମଧ୍ୟ ତାର ସଙ୍ଗ ଛାଡ଼ିବା ଉଚିତ । ବିଷଧର ସର୍ପ ମୁଣ୍ଡେ ମଣି ଥିଲେ ରହି । ତାର ଦନ୍ତଘାତରେ କି ମୃତ୍ୟୁ ନ ହୁଅଇ । ୨୫ ।

ସର୍ପଃ କ୍ରୂରଃ ଖଳଃ କ୍ରୂରଃ ସର୍ପାତ କ୍ରୂରତରଃ ଖଳଃ ।
ମନ୍ତ୍ରୌଷଧିବଶଃ ସର୍ପ ଖଳକେନ ନିବାର୍ଯ୍ୟତେ । ୨୬ ।

ସର୍ପ ଦୁଷ୍ଟ ଖଳ ଦୁଷ୍ଟ ଦୁଷ୍ଟ, ବେନିଜନ । କିନ୍ତୁ ସର୍ପଠାରୁ ଖଳ ଦୁଷ୍ଟ ଶତେଗୁଣ । ମନ୍ତ୍ର ମହୌଷଧ ବଳେ ସର୍ପ ବଶ ହୁଏ । ହେଲେ ଯେତେବେଳେ ଖଳ ବଶୀଭୂତ ନୁହେଃ । ୨୬ ।

ନଦୀନାଞ୍ଚ ନଖିନାଞ୍ଚ ଶୃଙ୍ଗିଣୀ ଶସ୍ତ୍ରପାଣିନାଂ ।
ବିଶ୍ୱାସୋ ନୈବ କର୍ତ୍ତବ୍ୟ ସ୍ତ୍ରୀଷୁ ରାଜକୁଳେଷୁ ଚ । ୨୭ ।

ନଦୀକୁ ବିଶ୍ୱାସ କେବେ ନ କରିବ ନରେ, ନଖ ଶିଙ୍ଗ ଥିବା ପ୍ରାଣୀ ନ ଯାଅ ପାଶରେ । ଆଉର ଶସ୍ତ୍ରଧାରୀଙ୍କୁ ବିଶ୍ୱାସ ନ ଯିବ । ନାରୀ ପୁଣି ରାଜାକୁ ବିଶ୍ୱାସ ନ କରିବ । ୨୭ ।

ହସ୍ତୀ ହସ୍ତ ସହସ୍ରେଣ ଶତହସ୍ତେ ନ ବାଜିନଃ ।
ଶୃଙ୍ଗୀଣେ ଦଶ ହସ୍ତେନଂସ୍ଥାନ ତ୍ୟାଗେନ ଦୁର୍ଜ୍ଜନ । ୨୮ ।

ହସ୍ତୀ ପାଖରୁ ହଜାର ହସ୍ତ ଅନ୍ତରରେ । ଘୋଡ଼ାଠାରୁ ଯିବ ଏକଶତ ହାତ ଦୂରେ । ଶୃଙ୍ଗଥିବା ଜନ୍ତୁଠାରୁ ଦଶହାତ ଦୂରେ । ଦୁର୍ଜନ ଦେଖିଲେ ସ୍ଥାନ ଛାଡ଼ିବ ସତ୍ୱରେ । ୨୮ ।

ଆପଦାର୍ଥଂ ଧନଂ ରକ୍ଷେତ୍ ଦାରାନ୍ ରକ୍ଷେଦ୍ଧନୈରପି ।
ଆତ୍ମାନଂ ସତତଂ ରକ୍ଷେ ଦାରୈରପି ଧନୈରପି । ୨୯ ।

ଆପଦ ବିପଦ ପାଇଁ ଧନ ରଖିଥିବ । ସେହି ଧନ ଦ୍ୱାରା ପତ୍ନୀ ଯତନେ ପାଳିବ । ବିପଦ ଆପଦେ ଆସି ପଡ଼ିବା କାଳରେ । ଧନଦାନ ଦ୍ୱାରା ପ୍ରାଣ ରହେ ସହଜରେ । ୨୯ ।



ପରଦାରାନ୍ ପରଦ୍ରବ୍ୟଂ ପରବାଦଂ ପରସ୍ୟ ଚ ।
ପରିହାସଂ ଗୁରୋଃ ସ୍ଥାନେ ଚାପଲ୍ୟଞ୍ଚ ବିବର୍ଜ୍ଜୟେତ । ୩୦ ।

ପର ନାରୀ ପର ଧନ ପର ଅପବାଦ । ଛାଡ଼ିବ ନିଶ୍ଚୟ ଏହା ନୋହିଲେ ପ୍ରମାଦ । ଗୁରୁଜନଙ୍କ ଆଗରେ ଯେହୁ ହାସ କରେ । ତାହାକୁ ଯେ ଉପହାସ କରନ୍ତି ସଂସାରେ । ୩୦ ।

ତ୍ୟଜେଦେକଂ କୁଳସ୍ୟାର୍ଥେ ଗ୍ରାମସ୍ୟାର୍ଥେ କୁଳଂ ତ୍ୟଜେ ଚ ।
ଗ୍ରାମଂ ଜନ ପଦାସ୍ୟାର୍ଥେ ଆତ୍ମାର୍ଥେ ପୃଥିବୀଂ ତ୍ୟଜେତ । ୩୧ ।

କୁଳରକ୍ଷା ପାଇଁ ଏକ ଜଣକୁ ତେଜିବ । ଗ୍ରାମର ରକ୍ଷା ନିମନ୍ତେ କୁଳକୁ ଛାଡ଼ିବ । ଦେଶରକ୍ଷା ତ୍ୟାଗକରି ଗ୍ରାମଲୋକମାନ । ଆତ୍ମରକ୍ଷା ପାଇଁ ପୃଥ୍ୱୀ ତେଜିବ ସୁଜନ । ୩୧ ।

ଚଳତ୍ୟେକେନପାଦେନ ତିଷ୍ଠତ୍ୟେକେନ ବୁଦ୍ଧିମାନ୍ ।
ନାସମୀକ୍ଷ୍ୟ ପରଂ ସ୍ଥାନଂ ପୂର୍ବମାୟତନଂ ତ୍ୟଜେତ । ୩୨ ।

ପ୍ରଥମେ ଏକପାଦରେ ଚାଲେ ବୁଦ୍ଧିମାନ । ଅନ୍ୟ ପାଦ ଦେବା ପୂର୍ବକରେ ଅନୁମାନ । ସେହିପରି ଅନ୍ୟ ଆଶ୍ରା ନ ଦେଖିଣ ଯେହୁ । ଏକ ଆଶ୍ରା ଛାଡ଼େ ବିପଦେ ପଡ଼ଇ ସେହୁ । ୩୨ ।

ଲୁବ୍ଧ ମର୍ଥେନ ଗୃହ୍ଣୀୟାତ କ୍ରୁଦ୍ଧମଞ୍ଜଳି କର୍ମଣଃ ।
ମୂର୍ଖଂ ଛନ୍ଦୋଽନୁବୃତ୍ତେନ ତଥା ସତ୍ୟେନ ପଣ୍ଡିତଂ । ୩୩ ।

ଧନ ଦେଇ ଲୋଭୀ ଲୋକେ କରିବ ଆୟତ୍ତ । କ୍ରୋଧିକି ବିନୟ ଦ୍ୱାରା କର ବଶୀଭୂତ । କପଟ ବଚନେ ମୂର୍ଖ ଜନକୁ ତୋଷିବ । ପଣ୍ଡିତଙ୍କୁ ସତ୍ୟ କହି ସନ୍ତୋଷ କରିବ । ୩୩ ।

ଅର୍ଥନାଶଂ ମନସ୍ତାପଂ ଗୃହେ ଦୁଶ୍ଚରିତାନିଚ ।
ବଞ୍ଚନଞ୍ଚାପମାନଞ୍ଚ ମତିମାନ୍ ନ ପ୍ରକାଶୟେତ । ୩୪ ।

ଅର୍ଥ ନାଶ ମନ ଦୁଃଖ ଘର ଛିଦ୍ର କଥା । ପ୍ରତାରଣା ଅପମାନ ଆଦି ଗୋପ କଥା । ଅନ୍ୟ ସ୍ଥାନେ ବୁଦ୍ଧିମାନ ପ୍ରକାଶ ନ କରେ । ଲଜ୍ଜା ଥିଲା ଭୟେ ରଖିଥାଏ ଗୋପନରେ । ୩୪ ।

ଧନଧାନ୍ୟ ପ୍ରୟୋଗେଷୁ ତଥା ବିଦ୍ୟା ଗମେଷୁଚ ।
ଆହାରେ ବ୍ୟବହାରେ ଚ ତ୍ୟକ୍ତ ଲଜ୍ଜା ସୁଖୀ ଭବେତ୍ ।୩୫।

ଟଙ୍କା ପଇସାଦି ଧାନ କାରବାରେ କଲେ । ଲଜ୍ଜା ନ କରିବ କେବେ ଜାଣିଥାଅ ନରେ । ବିଦ୍ୟା ଆହାର ବ୍ୟବହାରେ ଲଜ୍ଜା କଲେ । ଶେଷେ ନାନା ଦୁଃଖ କଷ୍ଟ ଲଭଇ ସେ ଭଲେ । ୩୫ ।

ଧନିକଃ ଶ୍ରୋତ୍ରିୟୋ ରାଜା ନଦୀ ବୈଦ୍ୟସ୍ତୁ ପଞ୍ଚମଃ ।
ପଞ୍ଚ ଯତ୍ର ନ ବିଦ୍ୟନ୍ତେ ତତ୍ର ବାସଂ ନ କାରୟେତ ।୩୬।

ଧର୍ମଲୋକ ଋଷି ରାଜା ନଦୀ ବୈଦ୍ୟ ଜାଣ । ଯେଉଁ ସ୍ଥାନରେ ନାହାନ୍ତି ଏହି ପାଞ୍ଚଜଣ । ସେ ସ୍ଥାନରେ ବାସ କେବେ ନ କରେ ପଣ୍ଡିତ । କଲେ ଆପଦ ଘଟଇ ଏ କଥା ନିଶ୍ଚିତ । ୩୬ ।

ଯସ୍ମିନ୍ ଦେଶେ ନ ସମ୍ମାନୋ ନ ବୃତ୍ତି ର୍ନଚବାନ୍ଧବା ।
ନ ଚ ବିଦ୍ୟାଗମ କଶ୍ଚିତ ତଂ ଦେଶଂ ପରିବର୍ଜୟେତ ।୩୭।

ଯେଉଁ ଦେଶେ ଗଉରବ ବୃତ୍ତି ଆଦି ନାହିଁ । ବନ୍ଧୁ ବାନ୍ଧବାଦି ବିଦ୍ୟାବନ୍ତ ଜନ ନାହିଁ । ଏପରି ଦେଶରେ କେବେ ନ କରିବ ଘର । ଶାସ୍ତ୍ର ମତେ ଦେଶକୁ ପରିତ୍ୟାଗ କର । ୩୭ ।

ମନସା ଚିନ୍ତିତଂ କର୍ମ ବଚସା ନ ପ୍ରକାଶୟେତ ।
ଅନ୍ୟ ଲକ୍ଷିତ କାର୍ଯ୍ୟସ୍ୟ ଯତ ସିଦ୍ଧି ର୍ନଜାୟତେ । ୩୮ ।

ମନ ମଧ୍ୟେ ଯେଉଁ କଥା ଭାବନା କରିବ । ଅନ୍ୟ ଲୋକ ଆଗେ ତାହା କେବେ ନ କହିବ । ତୁମ୍ଭର ମନ କଥାକୁ ଅନ୍ୟ ଜାଣେ ଯେବେ । ନାନାଦି ବିଘ୍ନ ଘଟାଇ କାର୍ଯ୍ୟ ନୁହେଁ କେବେ ।୩୮।

କୁଦେଶଞ୍ଚ କୁବୃତ୍ତିଞ୍ଚ କୁଭାର୍ଯ୍ୟା କୁନଦୀ ତଥା ।
କୁଦ୍ରବ୍ୟଞ୍ଚ କୁଭୋଜ୍ୟଂଚ ବର୍ଜୟେଚ୍ଚ ବିଚକ୍ଷଣ । ୩୯ ।

ମନ୍ଦ ଦେଶେ ଘର ମନ୍ଦ ଜୀବିକା କରିବା । କୁନଦୀରେ ସ୍ନାନ କରି କୁଭାର୍ଯ୍ୟା ରମିବା । ଦ୍ରବ୍ୟ ଗ୍ରହଣ କିମ୍ବା କୁଦ୍ରବ୍ୟ ଭୋଜନ । ନିଶ୍ଚେ ପରିତ୍ୟାଗ କର ଆହେ ସୁଜ୍ଞଜନ । ୩୯ ।



ଋଣଶେଷୋଗ୍ନି ଶେଷଶ୍ଚ ବ୍ୟାଧି ଶେଷସ୍ତଥୈବଚ ।
ପୁନଶ୍ଚବର୍ଦ୍ଧତେ ଯସ୍ମାତ୍ତସ୍ମାତ ଶେଷଞ୍ଚ ଚକାରୟେତ୍ ।

ଋଣ ପରିଶୋଧ କରି ଶେଷ ନ ରଖିବ । ଅଗ୍ନିକୁ ଲିଭାଇ ଦେବ ନିଃଶେଷ କରିବ । ସେହିପରି ରୋଗର ନ ରଖିବ କଳୁଷ । କଳୁଷ ଥିଲେ ବିପଦ ଅଛଇ ଅଶେଷ । ୪୦ ।

ଚିନ୍ତାଜ୍ୱରୋ ମନୁଷ୍ୟାଣାଂ ବସ୍ତ୍ରାଣାଂ ମାତପୋଜ୍ୱରଃ ।
ଅସୌଭାଗ୍ୟଜ୍ୱରୁଃ ସ୍ତ୍ରୀଣାମଶ୍ୱାନଂ ମୈଥୁନଂ ଜ୍ୱରଃ ।

ଚିନ୍ତା ହୁଏ ମନୁଷ୍ୟଙ୍କୁ ଜ୍ୱରର ସମାନ । ଲୁଗାକୁ ଖରା ହୁଅଇ ଜ୍ୱରପରି ଜାଣ । ନାରୀ ଭାଗ୍ୟହୀନା ହେଲେ ସେ ତାହାକୁ ଜ୍ୱର । ମୈଥୁନ ଅଶ୍ୱେ ହୁଅଇ ଜ୍ୱର ପରକାର । ୪୧ ।

ଅସ୍ତି ପୁତ୍ରୋ ବଶେ ଯସ୍ୟ ଭୃତ୍ୟୋ ଭାର୍ଯ୍ୟା ତଥୈବଚ ।
ଅଭାବେ ସତି ସନ୍ତୋଷେ ସ୍ୱର୍ଗସ୍ଥଃସୌ ମହୀତଳେ ।

ପୁତ୍ର ଅନୁଗତ ଚିର ବନିତା ଗୃହିଣୀ । କିଙ୍କର ସଦୃଶ ଭୃତ୍ୟ ଆଜ୍ଞାପାଳେ ପୁଣି । ଧନହୀନ ହେଲେ ସୁଦ୍ଧା ନୁହନ୍ତି କାତର । ସେ ଗୃହ ସଂସାର ମଧ୍ୟେ ସ୍ୱର୍ଗ ପରକାର । ୪୨ ।

ଦୁଷ୍ଟା ଭାର୍ଯ୍ୟା ଶଠ ମିତ୍ର ଭୃତ୍ୟଶ୍ଚୋତ୍ତରଦାୟକଃ ।
ସସର୍ପେ ଚ ଗୃହେ ବାସେ ମୃତ୍ୟୁରେବ ନ ସଂଶୟଃ ।

ଭାର୍ଯ୍ୟା ଯାର ଦୁଷ୍ଟ ଶଠ ମଇତ୍ର ଅଛଇ । ଭୃତ୍ୟ ହୋଇ ମୁନିବଙ୍କୁ ପ୍ରତ୍ୟୁତ୍ତର ଦେଇ । ଯେଉଁ ଗୃହ ମଧ୍ୟେ ସର୍ପ କରିଥାଇ ବାସ । ସେ ଗୃହେ ରହିଲେ ମୃତ୍ୟୁ ହୁଅଇ ଅବଶ୍ୟ । ୪୩ ।

ମାତା ଯସ୍ୟ ଗୃହେ ନାସ୍ତି ଭାର୍ଯ୍ୟା ଚ ପ୍ରିୟବାଦିନୀ ।
ଅରଣ୍ୟଂ ତେନ ଗନ୍ତବ୍ୟଂ ଯଥାରଣ୍ୟଂ ତଥା ଗୃହଂ ।

ଯେଉଁ ଘରେ ମାତା ନାହିଁ ବୁଝିବା ଖବର । ଭାର୍ଯ୍ୟା ଯେବେ କଟୁକଥା କହେ ସ୍ୱାମୀଠାରେ । ସେ ଗୃହକୁ ଛାଡ଼ି ବନେ ରହିବା ଉଚିତ । ବନସ୍ତ ପରି ସେ ଗୃହ ହୁଅଇ ଲକ୍ଷିତ । ୪୪ ।

ଋଣକର୍ତ୍ତା ପିତା ଶତ୍ରୁ ମାତା ଚ ବ୍ୟଭିଚାରିଣୀ ।
ଭାର୍ଯ୍ୟା ରୂପବତୀ ଶତ୍ରୁ ପୁତ୍ର ଶତ୍ରୁ ଅପଣ୍ଡିତ ।

ଋଣ କରିଥିଲେ ପିତା ଶତ୍ରୁ ସମ ହୁଏ । ମାତା ଦୋଗ୍ଧୁରୁଣୀ ହେଲେ ତାହୁଁ ବଳିଯାଏ । ଭାର୍ଯ୍ୟା ସୁନ୍ଦରୀ ହୋଇଲେ ମନେ ସଦା ଡର । ପୁତ୍ର ମୂର୍ଖ ହେଲେ ଶତ୍ରୁ ହୁଅଇ ନିଜର । ୪୫ ।

କୋକିଳାନାଂ ସ୍ୱରୋ ରୂପ ନାରୀରୂପଂ ପତିବ୍ରତା ।
ବିଦ୍ୟା ରୂପଂ କୁରୂପାଣାଂ କ୍ଷମା ରୂପଂ ତପସ୍ୱିନାଂ ।

କୋକିଳ ସ୍ୱରୂପ ହେଲେ ରୂପଂ ତାର ସ୍ୱର । ପତିଭକ୍ତା ଗୁଣ ଅଟେ ରୂପ ନାରୀଙ୍କର । କୁତ୍ସିତ ଜନର ରୂପ ବିଦ୍ୟା ଯେ ଅଟଇ । କ୍ଷମା ଗୁଣ ତପସ୍ୱୀମାନଙ୍କ ରୂପ ହୋଇ । ୪୬ ।

ଅବିଦ୍ୟା ଜୀବନଂ ଶୂନ୍ୟଂ ଦିକଶୂନ୍ୟଃ ଚେତ ବାନ୍ଧବା ।
ପୁତ୍ରହୀନଂ ଗୃହ ଶୂନ୍ୟ ସର୍ବଶୂନ୍ୟ ଦରିଦ୍ରତା ।

ବିଦ୍ୟା ନ ଜାଣିବା ଲୋକର ଜୀବନ ଶୂନ୍ୟ । ବନ୍ଧୁ ବାନ୍ଧବ ନ ଥିଲେ ଦିଗ ଦିଗଶୂନ୍ୟ । ପୁତ୍ର ଯେଉଁ ଘରେ ନାହିଁ ଶୂନ୍ୟ ସେହି ଘର । ଦରିଦ୍ର ଲୋକର ଶୂନ୍ୟ ଅଟଇ ସଂସାର । ୪୭ ।

ଅଦାତା ବଂଶଦୋଷେଣ କର୍ମଦୋଷେ ଦରିଦ୍ରତା ।
ରୁଗ୍‌ଣତା ମାତୃଦୋଷେଣ ପିତୃଦୋଷେଣ ମୂର୍ଖତା ।

ବଂଶ ଦୋଷରୁ ଅଦାତା ହୁଅନ୍ତି ଯେ ନର । ନିଜ କର୍ମଦୋଷ ଦରିଦ୍ରତା ପ୍ରାଣୀଙ୍କର । ମାତାର ଦୋଷରୁ ପୁତ୍ର ବେମାରିଆ ହୁଏ । ପିତାଙ୍କର ଦୋଷୁ ପୁତ୍ର ମୂର୍ଖତାକୁ ପାଏ । ୪୮ ।

ଗୁରୁରଗ୍ନି ଦ୍ୱିଜାତୀନାଂ ବର୍ଣ୍ଣାନାଂ ବ୍ରାହ୍ମଣୋ ଗୁରୁଃ ।
ପତିରେକୋ ଗୁରୁ ସ୍ତ୍ରୀଣାଂ ସର୍ବସ୍ୟାଭ୍ୟାଗତୋ ଗୁରୁଃ ।

ବ୍ରାହ୍ମଣମାନଙ୍କ ଗୁରୁ ଅଗ୍ନି ଯେ ଅଟଇ । ସମସ୍ତ ଜାତିଙ୍କ ଗୁରୁ ବ୍ରାହ୍ମଣ ବୋଲଇ । ସ୍ୱାଧ୍ୱୀ ନାରୀଙ୍କର ଗୁରୁ ଏକମାତ୍ର ପତି । ସମସ୍ତ ଲୋକଙ୍କ ଗୁରୁ ଅତିଥି ଅଟନ୍ତି । ୪୯ ।



ଅତି ଦର୍ପେ ହତ ଲଙ୍କା ଅତିମାନେ ଚ କୌରବା ।
ଅତିଦାନେ ବଳିର୍ବଦ୍ଧୋ ସର୍ବମତ୍ୟନ୍ତ ଗର୍ହିତଂ ।

ଅତି ଗର୍ବ କରି ଲଙ୍କା ରାବଣ ମରିଲା । ଅତି ଅଭିମାନେ ଦୁର୍ଯ୍ୟୋଧନ ନାଶ ଗଲା । ଅତି ଦାନ ହେତୁ ବଳି ପାତାଳକୁ ଗଲେ ସବୁ ଅମଙ୍ଗଳ ଘଟେ ଅତିଶୟ ହେଲେ । ୫୦ ।

ବସ୍ତ୍ରହୀନାମଲଙ୍କାର ଘୃତହୀନଞ୍ଚ ଭୋଜନଂ ।
ସ୍ତନହୀନା ଚ ଯା ନାରୀ ବିଦ୍ୟା ହୀନଞ୍ଚ ଜୀବନଂ ।

ବସ୍ତ୍ର ନଥିଲେ ଗହଣା ଶୋଭା ନ ଦିଶଇ । ଘୃତ ନ ଥିଲେ ଭୋଜନ ତୃପତି ନୁହଇ । କୁଚହୀନ ହେଲେ ନାରୀ ନ ଦିଶଇ ଶୋଭା । ମୂର୍ଖ ହେବାଠାରୁ ଭଲ ଜୀବନ ତେଜିବା । ୫୧ ।

ଆୟୁଷ କ୍ଷଣ ଏକୋପିନ ଲଭ୍ୟ ସ୍ୱର୍ଣ୍ଣକୋଟିଭିଃ ।
ସଚେନ୍ନିରର୍ଥକଂ ନୀତଃ କାନୁ ହାନିସତୋ ଅଧିକଂ ।

ଜୀବନର ଏକ କ୍ଷଣ ବୃଥାରେ କାଟିଲେ । ନ ମିଳିବ କେବେ ତାହା କୋଟି ମୁଦ୍ରା ଦେଲେ । ଅମୂଲ୍ୟ ଜୀବନକୁ ବୃଥାରେ କଟାଇଲେ । ତାହୁଁ ବଳି କ୍ଷତି ଆଉ ନାହିଁଟି ସଂସାରେ । ୫୨ ।

ପୁତ୍ର ପ୍ରୟୋଜନ ଦାରା ପୁତ୍ରଃ ପିଣ୍ଡ ପ୍ରୟୋଜନଃ ।
ହିତପ୍ରୟୋଜନଂ ମିତ୍ରଂ ଧନଂ ସର୍ବ ପ୍ରୟୋଜନଂ ।

ପୁତ୍ରଲାଭ ଆଶେ ଭାର୍ଯ୍ୟା କରିବା ଉଚିତ । ପୁତ୍ର ଆବଶ୍ୟକ ହୁଏ ପିଣ୍ଡର ନିମିତ୍ତ । ନିଜ ମଙ୍ଗଳ ସକାଶେ ମିତ୍ର ପ୍ରୟୋଜନ । ସକଳର କାର୍ଯ୍ୟେ ଲାଗଇ ପାଶେ ଥିଲେ ଧନ । ୫୩ ।

ଦୁର୍ଲ୍ଲଭଂ ପ୍ରାକୃତଂ ବାକ୍ୟ ଦୁର୍ଲ୍ଲଭ ପୁତ୍ର ପଣ୍ଡିତଃ ।
ଦୁର୍ଲ୍ଲଭ ସଦୃଶୀ ଭାର୍ଯ୍ୟା ଦୁର୍ଲ୍ଲଭ ସୁଜନପ୍ରିୟଃ ।

ସଂସାରେ ଅଟେ ଯେ ସତ୍ୟ ଦୁର୍ଲ୍ଲଭ ବଚନ । ବହୁ କଷ୍ଟରେ ମିଳଇ ପୁତ୍ର ଗୁଣବାନ । ଆପଣା ସମାନେ ସ୍ତ୍ରୀ ଭାଗ୍ୟେ ଥିଲେ ପାଇ । ହିତକାରୀ ପ୍ରିୟ ବନ୍ଧୁ କଷ୍ଟରେ ମିଳଇ । ୫୪ ।

ଭୋଜ୍ୟଂ ଭୋଜନଶକ୍ତିଶ୍ଚ ରତିଶକ୍ତିର୍ବରାଃ ସ୍ତ୍ରିୟଃ ।
ବିଭବୋ ଦାନଶକ୍ତିଶ୍ଚ ନାଳ୍ପସ୍ୟ ତପସ୍ୟା ଫଳ ।

ସୁଖାଦ୍ୟ ପଦାର୍ଥ ପୁଣି ଭୋଜନ ଶକତି । ରତିଶକ୍ତି ଆଦର ଯେ ସୁନ୍ଦରୀ ଯୁବତୀ । ଦାନ ଶକ୍ତି ସମ୍ପତ୍ତି ଏ ଛଅ କଥା ପୁଣି । ବହୁ ତପସ୍ୟାରେ ମିଳେ ଜାଣ ହେ ସୁଜ୍ଞାନୀ । ୫୫ ।

ଶୈଳେ ଶୈଳେ ନ ମାଣିକ୍ୟଂ ମୌକ୍ତିକଂ ନ ଗଜେ ଗଜେ ।
ସାଧବୋ ନହି ସର୍ବତ୍ର ଚନ୍ଦନଂ ନ ବନେ ବନେ ।

ସବୁ ପର୍ବତରେ ଯେ ମାଣିକ୍ୟ ନ ମିଳଇ । ମୁକ୍ତା ସବୁ ହାତୀମାନଙ୍କଠାରେ ନ ଥାଇ । ସାଧୁ ଲୋକ ବାସ ନ କରନ୍ତି ସବୁ ସ୍ଥାନେ । ଚନ୍ଦନ ବୃକ୍ଷ ନ ଜନ୍ମଇ ସକଳ ବନେ । ୫୬ ।

ଅଶୋଚ୍ୟଃ ନିର୍ଦ୍ଧନଃପ୍ରାଜ୍ଞୋଶୋଚ୍ୟ ପଣ୍ଡିତବାନ୍ଧବଃ ।
ଅଶୋଚ୍ୟା ବିଧବା ନାରୀ ପୁତ୍ର ପୌତ୍ର ପ୍ରତିଷ୍ଠିତାଃ ।

ପଣ୍ଡିତ ନିର୍ଦ୍ଧନ ହେଲେ ଦୁଃଖୀ ନୁହେଁ ତାର । ବିଦ୍ୟାବନ୍ତ ମିତ୍ର ଥିଲେ ଭାବନା ନ କର । ପୁଅ ନାତି ଥିବା ନାରୀ ବିଧବା ହୋଇଲେ ତଥାପି ନୁହଇ ଦୁଃଖୀ ସୁଖେ ସେହି ଚଳେ । ୫୭ ।

ଅବିଦ୍ୟା ପୁରୁଷଃ ଶୋଚ୍ୟଂ ଶୋଚ୍ୟଂ ମୈଥୁନମପ୍ରଜଂ ।
ନିରାହାରାଃ ଶୋଚ୍ୟ ପ୍ରଜାଃ ଶୋଚ୍ୟଂ ରାଜ୍ୟମନାୟକଂ ।

ପୁରୁଷ ହୋଇଣ ଯେବେ ବିଦ୍ୟା ନ ଜାଣଇ । ମୈଥୁନେ କି କାର୍ଯ୍ୟ ଯେବେ ପୁତ୍ର ନ ଜନ୍ମଇ । ରାଜା ଥିବା ଦେଶେ ପ୍ରଜା ଉପବାସେ ମଲେ । ଏସବୁ କାରଣ ଦେଶେ ଅରାଜକ ହେଲେ । ୫୮ ।

କୁଳୀନୈଃ ସହ ସମ୍ପର୍କଂ ପଣ୍ଡିତୈଃ ସହମିତ୍ରତାଂ ।
ଜ୍ଞାତିଭିଶ୍ଚ ସମଂ ମେଳଂ କୁର୍ବାଣୋ ନ ବିନଶ୍ୟତି ।

କୁଳୀନ ଲୋକ ସହିତ ବନ୍ଧୁପଣ କଲେ । ପଣ୍ଡିତମାନଙ୍କ ସହ ମିତ୍ରତା କରିଲେ । ଆପଣାର ଜାତି ଗୋତ୍ର ମେଳ ମଧ୍ୟେ ଥିଲେ । ବିପଦେ ନ ପଡ଼େ ସେହୁ ଜାଣିଥିବ ଭଲେ । ୫୯ ।



କଷ୍ଟା ବୃତ୍ତିଃ ପରାଧୀନା କଷ୍ଟୋ ବାସୋ ନିରାଶ୍ରୟଃ ।
ନିର୍ଦ୍ଧନୋ ବ୍ୟବସାୟଶ୍ଚ ସର୍ବକଷ୍ଟା ଦରିଦ୍ରତା ।

ପରାଧୀନ ବୃତ୍ତି ମାତ୍ରେ ଅଟେ କଷ୍ଟକର । ବହୁ କଷ୍ଟେ ନିରାଶ୍ରୟେ ବାସ କରିବାର । ଅଳ୍ପଧନେ ବ୍ୟବସାୟ କରି ବହୁ କଷ୍ଟ । ଦରିଦ୍ର ଜୀବନ ସବୁ କଷ୍ଟରୁ ଗରିଷ୍ଠ । ୬୦ ।

ତସ୍କରସ୍ୟ କୁତୋ ଧର୍ମୋ ଦୁର୍ଜ୍ଜନସ୍ୟ କୁତଃ କ୍ଷମା ।
ବେଶ୍ୟାନାଞ୍ଚ କୁତଃ ସ୍ନେହ କୁତଃ ସତ୍ୟଞ୍ଚ କାମିନାଂ ।

ଚୋରଠାରେ ଦୟା ଧର୍ମ ଥିବ ଅବା କାହିଁ । ଦୁଷ୍ଟ ଲୋକଠାରେ କ୍ଷମା ଗୁଣ ନ ମିଳଇ । ପ୍ରକୃତ ସ୍ନେହ ବେଶ୍ୟାର ପାଶେ ନ ମିଳଇ । କାମାତୁର ଲୋକ କେବେ ସତ ନ ଭାଷଇ । ୬୧ ।

ପ୍ରୋଷିତସ୍ୟ କୁତୋ ମାନଃ କୋପନସ୍ୟ କୁତଃ ସୁଖଂ ।
ସ୍ତ୍ରୀଣାଂ କୁତଃ ସତୀତ୍ୱଞ୍ଚ କୁତ ପ୍ରୀତିଃ ଖଳସ୍ୟ ଚ ।

ଚାକରକୁ ମାନ୍ୟ ଅବା କିଏ କରିପାରେ । କ୍ରୋଧୀ ଲୋକେ ସୁଖ ନ ମିଳଇ କେଉଁଠାରେ । ନାରୀ ସତୀତ୍ୱ ରକ୍ଷିବ ଏ ବଡ଼ ଦୁର୍ଲ୍ଲଭ । ଖଳ ସହିତରେ ପ୍ରୀତି ନୁହଇ ସୁଲଭ । ୬୨ ।

ଦୁର୍ବଳସ୍ୟ ବଳଂ ରାଜା ବାଳାନାଂ ରୋଦନଂ ବଳଂ ।
ବଳଂ ମୂର୍ଖସ୍ୟ ମୌନତ୍ୱଂ ଚୌରାଣାମନୃତଂ ବଳଂ ।

ଦୁର୍ବଳ ଲୋକର ରାଜା ବଳ ଯେ ଅଟଇ । ବାଳକମାନଙ୍କ ବଳ କ୍ରନ୍ଦନ ଅଟଇ । ମଉନ ହୋଇ ରହିବା ବଳ ମୂର୍ଖଙ୍କର । ମିଛ କହିବା ଯେ ବଳ ଅଟେ ଚୋରଙ୍କର । ୬୩ ।

ଯୋ ଧ୍ରୁବାଣି ପରିତ୍ୟଜ୍ୟ ଅଧ୍ରୁବଂ ପରିସେବତେ ।
ଧ୍ରୁବାଣି ତସ୍ୟ ନଶ୍ୟନ୍ତି ଅଧ୍ରୁବଂ ନଷ୍ଟ ହେବାହିଁ ।

ଯେଉଁ ନିଶ୍ଚିତ ବିଷୟ ପରିତ୍ୟାଗ କରି । ଅନିଶ୍ଚିତ ବିଷୟକୁ ହୃଦେ ଥାଏ ଧରି । ନିଶ୍ଚିତ ଅନିଶ୍ଚିତ ଏ ଦୁଇ ନାଶ ହୋଇ । ବିଚାର କାର୍ଯ୍ୟ ନ କଲେ ପ୍ରମାଦେ ପଡ଼ଇ । ୬୪ ।

ଶୁଷ୍କ ମାଂସ ସ୍ତ୍ରିୟୋ ବୃଦ୍ଧା ବାଲାର୍କାଂ ତରୁଣଂ ଦଧି ।
ପ୍ରଭାତେ ମୈଥୁନଂ ନିଦ୍ରା ସଦ୍ୟଃ ପ୍ରାଣ ହରାଣିଷଟ୍ ।

ଶୁଖିଲା ମାଂସ ଖାଇବା ବୃଦ୍ଧା ସ୍ତ୍ରୀ ରମଣ । ସକାଳ ଖରରେ ଦୁଲି ଘୋଳ ଦହି ପାନ । ସକାଳେ ଶୋଇବା ପୁଣି ସକାଳେ ମୈଥୁନ । ଏ ଛଅ କଥାରେ ମୃତ୍ୟୁ ନିଶ୍ଚେ ହୁଏ ଜାଣ । ୬୫ ।

ସଦ୍ୟମାଂସ ନବାନ୍ନଞ୍ଚ ବାଲା ସ୍ତ୍ରୀ କ୍ଷୀରଭୋଜନଂ ।
ଘୃତମୁଷ୍ଣୋଦକଂ ଚୈବ ସଦ୍ୟଃ ପ୍ରାଣ କରାଣିଷଟ୍ ।

ସଜ ମାଂସ ତପ୍ତ ଅନ୍ନ କରିଲେ ଭୋଜନ । ଯୁବତୀ ନାରୀ ରମଣ ସଦ୍ୟ ଦୁଗ୍ଧ ପାନ । ସଦ୍ୟ ଘୃତ ଉଷ୍ଣ ଜଳ ଯେହୁ ପାନ କରେ । ଏହି ଛଅ ଆୟୁଷକୁ ବଢ଼ାନ୍ତି ସତ୍ତରେ । ୬୬ ।

ସିଂହାଦେକଂ ବକାଦେକଂ ଷଟ୍ ଶ୍ୱାନାସ୍ତ୍ରୀଣି ଗର୍ଦ୍ଦଭାତ୍ ।
ବାୟସାତ୍ ପଞ୍ଚଶିକ୍ଷେଚ୍ଚ ଚତ୍ୱାରି କୁକ୍କୁଟାଦପି ।

ସିଂହଠାରୁ ଏକ ପୁଣି ବକଠାରୁ ଏକ । ଶ୍ୱାନଠାରୁ ଛଅ ବିଦ୍ୟା ଆନନ୍ଦରେ ଶିଖ । ଗଧଠାରୁ ତିନି କାକଠାରୁ ପାଞ୍ଚଗୁଣ । କୁକ୍କୁଟଠାରୁ ଚାରୋଟି ଶିଖିବ ସୁଜନ । ୬୭ ।

ପ୍ରଭୂତମଳ୍ପକାର୍ଯ୍ୟମ୍ବା ଯୋ ନରଃ କର୍ତ୍ତୁମିଚ୍ଛତି ।
ସର୍ବାରମ୍ଭେଣ ତତ୍କାର୍ଯ୍ୟାତ୍ ସିଂହାଦେକଂ ପ୍ରକୀର୍ତ୍ତିତଂ ।

ଛୋଟ କାର୍ଯ୍ୟ ଥାଉ ଅବା ବଡ଼ କାର୍ଯ୍ୟ ଥାଉ । ଯତନେ ତାହା କରିବ ଅଳସ ନ ହୋଇ । ସିଂହଠାରେ ଏହି ଗୁଣ ବିଦ୍ୟମାନ ଥାଏ । ତାଠାରୁ ଏ ଗୁଣ ଶିକ୍ଷା କରିବ ନିଶ୍ଚୟେ । ୬୮ ।

ସର୍ବେନ୍ଦ୍ରିୟାଣି ସଂଯମ୍ୟ ବକବତ ପଣ୍ଡିତୋ ଜନଃ ।
ଦେଶକାଳୋପପନ୍ନାନି ସର୍ବକାର୍ଯ୍ୟାଣି ସାଧୟେତ୍ ।

ଇନ୍ଦ୍ରିୟମାନଙ୍କୁ ରଖି ନିଜ ଆୟତରେ । ବକପରି ବସିଥିବ ଏକଇ ଧ୍ୟାନରେ । ଦେଖି କାଳ ଭାବ କର୍ମ କରିବ ସାଧନ । ଯେଉଁପରି ବକ ଚାହିଁ ବସିଥାଏ ମୀନ । ୬୯ ।



ବହ୍ୱାଶୀ ସ୍ୱଳ୍ପ ସନ୍ତୁଷ୍ଟ ସୁନିଦ୍ରାଃ ଶୀଘ୍ର ଚେତନାଃ ।
ପ୍ରଭୁଭକ୍ତଶ୍ଚ ଶୂରଶ୍ଚ ଜ୍ଞାତବ୍ୟାଃ ଷଟ୍ଶ୍ୱାନୋଗୁଣାଃ ।

ବହୁତ ଖାଇ ପାରଇ ଅଳ୍ପେ ତୁଷ୍ଟ ହୁଏ । ଶୀଘ୍ର-କର ଉଠେ ଯେବେ ନିଦ୍ରା ଯାଇଥାଏ । ପ୍ରଭୁ ଭକ୍ତ ପୁଣି ଯଥାଶକ୍ତି ବଳବାନ । ଶ୍ୱାନଠାରୁ ଛଅଗୁଣ ଶିଖିବ ସୁଜନ । ୭୦ ।

ଅବିଶ୍ରାମ ବହେଦ୍ଭାରଂ ଶୀତୋଷ୍ଣଂ ନ ଚ ବିନ୍ଦତି ।
ସ ସନ୍ତୋଷସ୍ତଥା ନିତ୍ୟ ତ୍ରିଣିଂ ଶିକ୍ଷେତ୍ ଗର୍ଦ୍ଦଭାତ ।

ଶୀତ ଗ୍ରୀଷ୍ମ ଆଦି କଷ୍ଟ ସମାନ ମଣଇ । କ୍ଳାନ୍ତ ନୋହି ଅନୁକ୍ଷଣ ଭାର ବୋହୁଥାଇ । ସର୍ବଦା ସନ୍ତୁଷ୍ଟ ଥାଏ ଏହି ତିନିଗୁଣ । ଗଧଠାରୁ ଶିକ୍ଷା କର ଆହେ ବୁଦ୍ଧିମାନ । ୭୧ ।

ଗୁଢ଼ଂ ଧର୍ମଞ୍ଚମୈଥୁନଂ କାଳେ କାଳେ ଚ ସଂଗ୍ରହ ।
ଅପ୍ରମାଦମନାଲସ୍ୟଂ ଚତୁଃ ଶିକ୍ଷେଚ୍ଚ ବାୟସାତେ ।

ମୈଥୁନ କର୍ମ କରିବ ଅତି ଗୋପନରେ ସର୍ବଦା ଚେଷ୍ଟା କରିବ ଖାଦ୍ୟ ସଂଗ୍ରହରେ । ସାବଧାନ ସର୍ବଦା ଅଳସୁଆ ନୋହିବ । ଏ ଚାରୋଟି ଗୁଣ କାକଠାରୁ ଯେ ଶିଖିବ । ୭୨ ।

ଯୁଦ୍ଧପ୍ରାଞ୍ଚତରୁଥାନ ଭୋଜନଃ ସହବନ୍ଧୁଭିଃ ।
ସ୍ତ୍ରୀୟମାପଦ୍ଗତାଂ ରକ୍ଷେତ ଚତୁଃ ଶିକ୍ଷେ ଚ କୁକ୍କୁଟାତ୍ ।

ପାହାନ୍ତାରୁ ଉଠି ଯୁଦ୍ଧେ ଅଗ୍ରଗାମୀ ହେବ । ଭୋଜନ କରିବ ଘେନ ବନ୍ଧୁ ଯେ ବାନ୍ଧବ । ବିପଦରୁ ନିଜ ପତ୍ନୀ ଉଦ୍ଧରିବ ପୁଣ । କୁକ୍କୁଟଠାରୁ ଶିଖିବ ଏହି ଚାରିଗୁଣ । ୭୩ ।

କୋତିଭାରଃ ସମର୍ଥାନଂ ନ ଦୂରଃ ବ୍ୟବସାୟୀ ନାଂ ।
କୋ ବିଦେଶଃ ସ ବିଦ୍ୟାନଂ କଃ ପରଃ ପ୍ରିୟବାଦିନା ।

କାର୍ଯ୍ୟକ୍ଷମ ଲୋକେ ବୋଝ ଭାର ନ ମଣଇ । ବ୍ୟବସାୟୀ ପକ୍ଷେ ବାଟ ଦୂର ଯେ ନୁହଁଇ । ଦେଶ ବିଦେଶ ନ ଭାବେ ଯେହୁ ବିଦ୍ୟମାନ । ମିଷ୍ଟଭାଷୀ ଲୋକେ ଶତ୍ରୁ କେହି ନାହିଁ ଜାଣ । ୭୪ ।

ଆପଦାଂ କଥିତଂ ପନ୍ଥା ଇନ୍ଦ୍ରିୟାଣା ମସଂଯମଃ ।
ତଜ୍ଜୟଃ ସମ୍ପଦାଂ ମାର୍ଗୋ ଯେନେଷ୍ଟଂ ତେନଗମ୍ୟତା ।

ଇନ୍ଦ୍ରିୟମାନଙ୍କୁ ନ ପାରିଲେ ବଶ କରି । ଆପଦ ବିପଦମାନ ନିଶ୍ଚେ ଆସେ ଘେରି । ଇନ୍ଦ୍ରିୟ ଦମନ କଲେ ଆଉ କି ଭାବନା । ଯେଣେ ଇଚ୍ଛା ତେଣେ ଯାଅ ନ ଥାଇ ଶୋଚନା । ୭୫ ।

ନ ଚ ବିଦ୍ୟା ସମୋବନ୍ଧୁ ନ ଚ ବ୍ୟାଧି ସମୋରିପୁଃ ।
ନ ଚାପତ୍ୟସମଃ ସ୍ନେହୋ ନ ଚ ଦୈବାତ୍ ପରଂ ବଳା ।

ବିଦ୍ୟା ପରି ବନ୍ଧୁ ଆଉ ସଂସାରେ ନ ମିଳେ । ବ୍ୟାଧିଠାରୁ ବଳ ଶତ୍ରୁ ନାହିଁ ଭୂମଣ୍ଡଳେ । ପୁତ୍ର ସ୍ନେହଠାରୁ ବଳ ଆଉ ସ୍ନେହ ନାହିଁ । ଦଇବ ବଳରୁ କାହା ବଳ ବେଶୀ ନୋହି । ୭୬ ।

ସମୁଦ୍ରାବରଣ ଭୂମିଃ ପ୍ରକାରାବରଣଂ ଗୃହଂ ।
ନରେନ୍ଦ୍ରା ବରଣତ ଦେଶା ଶ୍ଚରିତ୍ରାବରଣଃ ସ୍ତ୍ରୀୟାଃ ।

ସମୁଦ୍ର ଆବରଣରେ ପୃଥ୍ୱୀ ମନୋହର । ପାଚେରି ଦ୍ୱାର ଆବୃତ ଘର ଯେ ସୁନ୍ଦର । ରାଜା ଆବରଣ ଦେଶ ଅଟେ ସୁଖକର । ଚରିତ୍ର ଆବରଣ ନାରୀର ସୁନ୍ଦର । ୭୭ ।

✓ ନାସ୍ତି ବିଦ୍ୟା ସମଂ ବନ୍ଧୁ ନାସ୍ତି ସତ୍ୟ ସମ ତପଃ ।
ନାସ୍ତି ରୋଗସମଂ ଦୁଃଖ ନାସ୍ତି ତ୍ୟାଗ ସମଂ ସୁଖଂ ।

ବିଦ୍ୟାର ସମାନ ବନ୍ଧୁ ନାହିଁ କେଉଁଠାରେ । ସତ୍ୟର ସମାନ ତପ ନାହିଁ ଏ ସଂସାରେ । ରୋଗର ସମାନ ଶତ୍ରୁ ନ ମିଳଇ କାହିଁ । ଲୋଭକୁ ଛାଡ଼ି ହେ ନର ସୁଖରେ ଚଳଇ । ୭୮ ।

ଘୃତକୁମ୍ଭ ସମାନାରୀ ତପ୍ତାଙ୍ଗାର ସମଃ ପୁମାନ୍ ।
ତସ୍ମାଦ୍ ଘୃତଞ୍ଚ ବହ୍ନିଞ୍ଚ ନୈକତ୍ର ସ୍ଥାପୟେତ୍ ବୁଧଃ ।

ବସିଲା ଘିଅମାଠିଆ ପରି ନାରୀ ଜାତି । ପୁରୁଷେ ଜଳନ୍ତା ନିଆଁ ତହିଁକି ଅଟନ୍ତି । ଘିଅ ନିଆଁ ଏକତ୍ରରେ ତରଳଣ ଯାଏ । ତେଣୁ ସ୍ତ୍ରୀ ପୁରୁଷ ଏକତ୍ରରେ ରଖି ନୁହେଁ । ୭୯ ।



ଆହାରେ ଦ୍ୱିଗୁଣାଃ ସ୍ତ୍ରୀଣାଂ ବୁଦ୍ଧିସ୍ତାସାଂ ଚତୁର୍ଗୁଣା ।
ଷଡ଼୍‌ଗୁଣୋ ବ୍ୟବସାୟଶ୍ଚ କାମାଶ୍ଚାଷ୍ଟ ଗୁଣାଃ ସ୍ମୃତଂ ।

ପୁରୁଷଠୁ ଦ୍ୱିଗୁଣ ଭୋଜନ ନାରୀଙ୍କର । ବୁଦ୍ଧି ବଳ ଚାରିଗୁଣ ଅଧିକ ଆଦର । ବ୍ୟବସାୟ କରିବାରେ ବୁଦ୍ଧି ଛଅଗୁଣ । କାମ-ଶକ୍ତି ଅଧିକ ଅଟଇ ଆଠଗୁଣ । ୮୦ ।

ଜୀର୍ଣ୍ଣମନ୍ନଂ ପ୍ରଶଂସୀୟାଦ୍ ଭାର୍ଯ୍ୟାଞ୍ଚ ଗତଯୌବନା ।
ରଣାତ୍ ପ୍ରତ୍ୟାଗତଂ ଶୂରଂ ଶସ୍ୟଞ୍ଚ ଗୃହମାଗତ ।

ଜୀର୍ଣ୍ଣ ଯେ ସହଜେ ହୁଏ ଭଲ ଅନ୍ନ ସେହି । ନର୍ଦ୍ଦୋଷେ ଯୌବନ ଗଲେ ସୁଭାର୍ଯ୍ୟା ବୋଲଇ । ଯୁଦ୍ଧରେ ଜିଣି ଆସିଲେ ବୀର ଧନ୍ୟ ହୁଏ । କଅଁଶରୁ ଆଣିଲେ ସେ ଶସ୍ୟ ଭଲ କହେ । ୮୧ ।

ଅସନ୍ତୁଷ୍ଟା ଦ୍ୱିଜାସ୍ତେ ସନ୍ତୁଷ୍ଟାଇବ ପାର୍ଥିବ ।
ସଲ୍ଲଜ୍ଜା ଗଣିକା ନଷ୍ଟା ନିର୍ଲ୍ଲଜ୍ଜାଶ୍ଚ କୁଳସ୍ତ୍ରୀୟଃ ।

ଅସନ୍ତୋଷ ହେଲେ ନଷ୍ଟ ହୁଅନ୍ତି ବ୍ରାହ୍ମଣ । ସନ୍ତୋଷ ରାଜାର ଭଲ ନୁହେଁ ରାଜପଣ । ଲଜ୍ଜା କଲେ ବେଶ୍ୟାମାନେ ସହଜେ ମରନ୍ତି । କୁଳସ୍ତ୍ରୀର ଲଜ୍ଜାକୁ ଛାଡ଼ିଲେ ନାଶ ଯାନ୍ତି । ୮୨ ।

ଅବଂଶୋ ପତିତୋ ରାଜା ମୂର୍ଖଶ୍ଚ ପୁତ୍ର ପଣ୍ଡିତଃ ।
ନିର୍ଦ୍ଧନଶ୍ଚ ଧନଂ ପ୍ରାପ୍ୟ ତୃଣବତ୍ ମାନ୍ୟତେ ଜଗତ୍ ।

ନୀଚ କୁଳେ ଜନ୍ମି ଯେବେ ରାଜପଣ ପାଇ । ମୂର୍ଖଲୋକ ପୁତ୍ର ଯେବେ ପଣ୍ଡିତ ହୁଅଇ । ଦରିଦ୍ର ଯଦ୍ୟପି କେଉଁ ଧନ ଥାଏ ପାଇ । ସହାରିକୁ ତୃଣପରି ମନ୍ତ୍ରେ ଯେ ଏହି । ୮୩ ।

ବ୍ରହ୍ମଘ୍ନୋପି ନରଃ ପୂଜ୍ୟୋ ଯସ୍ୟାସ୍ତି ବିପୁଳଂ ଧନ ।
ଶଶିନସ୍ତୁଲ୍ୟବଂଶୋପି ନିର୍ଦ୍ଧନଃ ପରିଭୂୟତେ ।

ଧନବାନ ଲୋକ ଯେବେ ବ୍ରହ୍ମହତ୍ୟା କରେ । ତଥାପି ତାହାକୁ ମାନ୍ୟ କରନ୍ତି ସଂସାରେ ଚନ୍ଦ୍ରପରି ଉଜ୍ଜ୍ୱଳ ବଂଶରେ ଜାତ ହୋଇ । ଧନହୀନ ହେଲେ ତାକୁ ନ ମାନନ୍ତି କେହି । ୮୪ ।

ପୁସ୍ତକସ୍ଥା ତୁ ଯା ବିଦ୍ୟା ପରହସ୍ତ ଗତଂ ଧନଂ ।
କାର୍ଯ୍ୟକାଳେ ସମୁତ୍ପନ୍ନେ ନ ସ ବିଦ୍ୟା ନ ତଦ୍ଧନଂ ।

ପୁସ୍ତକେ ଥିଲେହେଁ ବିଦ୍ୟା ମୁଖେ ଆସେ ନାହିଁ । ନିଜ ହାତ ଧନ ଯେବେ ପରହାତେ ଥାଇ । କାର୍ଯ୍ୟ ସମୟରେ ତାହା ନୁହେଁ ପ୍ରୟୋଜନ । ଥିବା ନଥିବା ଉଭୟ ଅଟଇ ସମାନ । ୮୫ ।

ପାଦପାନଂ ଭୟଂ ବାତାତ୍ ପଦ୍ମାନାଂ ଶିଶିରାଦ୍ ଭୟଂ ।
ପର୍ବତାନଂ ଭୟଂ ବଜ୍ରାତ୍ ସାଧୂନାଂ ଦୁର୍ଜ୍ଜନାଦ୍ଭୟଂ ।

ତୋଫାନ ଅଟଇ ଭୟ ବୃକ୍ଷମାନଙ୍କର । ଶିଶିର ପଡ଼ିଲେ ଭୟ ହୁଅଇ ପଦ୍ମର । ବଜ୍ରପାତ ହେଲେ ପର୍ବତର ଭୟ ହୁଏ । ସାଧୁଙ୍କର ଭୟ ଦୁର୍ଜ୍ଜନଙ୍କୁ ସବୁଠାଏଁ । ୮୬ ।

ପ୍ରାଜ୍ଞୋ ନିଯୋଜ୍ୟମାନେ ତୁ ସନ୍ତି ରାଜସ୍ତ୍ରୟୋ ଗୁଣାଃ ।
ଯଶଃ ସ୍ୱର୍ଗ ନିବାସଶ୍ଚ ବିପୁଳ ଚ ଧନାଗମଃ ।

ରାଜ୍ୟଭାର ଦିଆଗଲେ ପଣ୍ଡିତଙ୍କଠାରେ । ଏହି ତିନିଗୁଣ ଲାଭ ହୁଏ ସହଜରେ । ପ୍ରଥମରେ ଯଶ ଦ୍ୱିତୀୟରେ ସ୍ୱର୍ଗ ସୁଖ । ତୃତୀୟେ ବହୁ ସମ୍ପତ୍ତି ଜାଣ ସୁବିବେକ । ୮୭ ।

ମୂର୍ଖୋ ନିଯୋଜ୍ୟମାନେ ତୁ ନ୍ରୟୋ ଦୋଷା ମହୀପତେଃ ।
ଅପଯଶଶ୍ଚାର୍ଥନାଶଶ୍ଚ ନରକେ ଗମନଂ ତଥା ।

ରାଜ୍ୟଭାର ଦିଆଗଲେ ମୂର୍ଖଲୋକଠାରେ । ଏହି ତିନିଦୋଷ ଜାତ ହୁଅ ଅକ୍ଳେଶରେ । ପ୍ରଥମରେ ନିନ୍ଦା ଦ୍ୱିତୀୟରେ ଧର୍ମନାଶ । ତୃତୀୟରେ ସମ୍ପତ୍ତି କ୍ଷୟ ନର୍କରେ ବାସ । ୮୮ ।

ବହୁଭିର୍ମୂର୍ଖ ସଙ୍ଘାତୈ ରନ୍ୟୋନ୍ୟଃ ପଶୁ ବୃତ୍ତିଭିଃ ।
ପ୍ରଚ୍ଛାଦ୍ୟନ୍ତେ ଗୁଣାଃ ସର୍ବେ ମେଘୈରିବ ଦିବାକରଃ ।

ପଶୁପରି ବ୍ୟବହାର ମୂର୍ଖମାନଙ୍କର । ବହୁମୂର୍ଖ ମେଳେ ଯେବେ ଥାଏ ସାଧୁନର । ଯେପରି ମେଘ ସମୂହେ ସୂର୍ଯ୍ୟ ଲୋପ ପାଇ । ସେପରି ସାଧୁଙ୍କ ଭଲ ଗୁଣ ଲୁଚି ଯାଇ । ୮୯ ।



ଯସ୍ୟ କ୍ଷେତ୍ରଂ ନଦୀତୀରେ ଭାର୍ଯ୍ୟାଚାପି ପରପ୍ରିୟା ।
ପୁତ୍ରେ ଚ ବିନୟ ନାସ୍ତି ମୃତ୍ୟୁରେବ ନ ସଂଶୟ ।

ନଈକୂଳେ ଚାଷ ଯାର ଭରସା କି ତାର । ଭାର୍ଯ୍ୟା ଯେବେ ପରରତା କି ସୁଖ ତାଠାର । ଅମାନିଆ ହେଲେ ପୁତ୍ର ସୁଖ କି ତହିଁରେ । ସଂଶୟ ନାହିଁ ଏପରି ଦୁଃଖିର ମୃତ୍ୟୁରେ । ୯୦ ।

ଅସମ୍ଭବଂ ନ ବକ୍ତବ୍ୟଂ ପ୍ରତ୍ୟକ୍ଷ୍ୟଂ ଯଦି ଦୃଶ୍ୟତେ ।
ଶିଳା ତରନ୍ତି ପାନୀୟଂ ଗୀତଂ ଗାୟନ୍ତି ବାନର ।

ଅସମ୍ଭବ କଥା ନିଜେ ଦେଖିଥିବ ଯେବେ । କଦାପି ପର ଆଗେ ତା ନ କହିବ କେବେ । ପଥର ପାଣିରେ ଭାସେ ହନୁ ଗୀତ ଗାଏ । ଏ କଥା କହିଲେ ବିଶ୍ୱାସ ବା ଯିବ କିଏ । ୯୧ ।

ସୁଭିକ୍ଷଂ କୃଷକେ ନିତ୍ୟଂ ନିତ୍ୟଂ ସୁଖମରୋଗିଣଃ ।
ଭାର୍ଯ୍ୟା ଭର୍ତ୍ତୁଃପ୍ରିୟା ଯସ୍ୟ ସତ୍ୟ ନିତ୍ୟୋତ୍ସବଗୃହଂ ।

ଗୃହେ ଶସ୍ୟ ଥିଲେ ଚଷା ଥାଏ ଆନନ୍ଦରେ । ନିରୋଗୀ ଲୋକର ସୁଖ ସର୍ବଦା ସଂସାରେ । ସ୍ୱାମୀ ସେବାକାରିଣୀ ସୁନ୍ଦରୀ ଭାର୍ଯ୍ୟା ଥିଲେ । ପ୍ରତ୍ୟହ ଆନନ୍ଦେ ଦିନ କାଟେ ସେହୁ ଭଲେ । ୯୨ ।

ହେଳାସ୍ୟାତ କାର୍ଯ୍ୟନାଶାୟ ବୁଦ୍ଧିନାଶାୟ ନିର୍ଦ୍ଧନଂ ।
ଯାଚଞ୍ଚା ମାନନାଶାୟ କୁଳନାଶାୟ କୁଭୋଜନଂ ।

ହେଳା କଲେ କାର୍ଯ୍ୟ ନାଶ ଏ ଦୃଢ଼ ବଚନ । ଧନହୀନ ହେଲେ ବୁଦ୍ଧି ନାଶଯାଏ ପୁଣ । ମାଗିଲୁ ଲୋକର ମାନ ନ ରହେ ସଂସାରେ । କୁଖାଦ୍ୟ ଖାଇଲେ ବଂଶ ନାଶ ଯାଏ ଝଟରେ । ୯୩ ।

ସେବିତବ୍ୟୋ ମହାବୃକ୍ଷଃ ଫଳଚ୍ଛାୟା ସମନ୍ୱିତଃ ।
ଯଦି ଦୈବାତ ଫଳଂ ନାସ୍ତି ଛାୟାକେନ ନିବାର୍ଯ୍ୟତେ ।

ଫଳ ପତ୍ରପୂର୍ଣ୍ଣ ବଡ଼ଗଛ ଆଶ୍ରା ନେଲେ । ଯଦିବା ଫଳ ନ ମିଳେ ଦଇବର ବଳେ । ତେବେ ସୁଦ୍ଧା ଛାଇ ତହିଁ ପାଇବ ନିଶ୍ଚୟ । ଜୀବନ ଶାନ୍ତି ଲଭିବ ନାହିଁଟି ସନ୍ଦେହ । ୯୪ ।

ପ୍ରଥମେ ନାର୍ଜିତଂ ବିଦ୍ୟାଂ ଦ୍ୱିତୀୟେ ନାର୍ଜିତଂ ଧନଂ ।
ତୃତୀୟେ ନାର୍ଜିତଂ ପୁଣ୍ୟଂ ଚତୁର୍ଥେ କିଂ କରିଷ୍ୟତି ।

ପ୍ରଥମ ଅବସ୍ଥାବେଳେ ବିଦ୍ୟା ନ ଶିଖିଲେ । ଦ୍ୱିତୀୟ ଅବସ୍ଥା ବେଳେ ଧନ ନ ଅର୍ଜିଲେ । ତୃତୀୟ ଅବସ୍ଥାରେ ନ ଅରଜିଲେ ଧର୍ମ । ଚତୁର୍ଥେ କିଛି କରି ନପାରେ ସେ ଅଧମ । ୯୫ ।

ନଦୀକୂଳେ ଚ ଯା ବୃକ୍ଷ ପରହସ୍ତ ଗତଂ ଧନଂ ।
କାର୍ଯ୍ୟସ୍ତ୍ରୀ ଗୋଚରଂ ଯସ୍ୟ ସର୍ବଂତଦ୍ ବିଫଳଭବେତ୍ ।

ନଈକୂଳେ ଘର ଥିଲେ ପରତେ ନ ଥାଏ । ପରହାତ ଧନ କେବେ କାର୍ଯ୍ୟ ନ ଯୋଗାଏ । ଆଗତ କାର୍ଯ୍ୟକୁ ଯେବେ ସ୍ତ୍ରୀ ଶିଖିଏ ଜାଣନ୍ତି । ପ୍ରକାଶ କରିଣ ତାହା ବିଫଳ କରନ୍ତି । ୯୬ ।

କୁଦେଶମାସାଦ୍ୟ କୁତାଽର୍ଥେ ସଞ୍ଚୟଃ କୁପୁତ୍ରମାସିଦ୍ୟ ।
କୁତୋଜଳାଞ୍ଜଳିଃ କୁଗୃହିଣୀଂ ପ୍ରାପ୍ୟ ଗୃହେ କୁତଃ ।
ସୁଖଂ କୁଶିଷ୍ୟ ଅଧ୍ୟାପୟତଃ କୁତୋ ଯଶଃ ।

ହୀନଦେଶେ ଗଲେ ଧନ ଅର୍ଜନ ନ ହୁଏ । କୁଳାଙ୍ଗାର ପୁତ୍ର ପିତୃଶ୍ରାଦ୍ଧକୁ ନ ଦିଏ । ଅଲକ୍ଷଣି ସ୍ତ୍ରୀ ଠାରେ ସୁଖ ଲେଶ ନାହିଁ । ମନ୍ଦ ଶିଷ୍ୟେ ଶିକ୍ଷା ଦେଲେ ଯଶ ନ ମିଳଇ । ୯୭ ।

କୂପୋଦକଂ ବଟଚ୍ଛାୟା ଶ୍ୟାମା ସ୍ତ୍ରୀ ଚେଷ୍ଟାକାଳୟଂ ।
ଶୀତକାଳେ ଭବେଦୁଷ୍ଣଂ ଗ୍ରୀଷ୍ମକାଳେ ଚ ଶୀତଳ ।

କୂଅପାଣି ବରଗଛ ଛାଇ ଯେ ଆବର । ଶ୍ୟାମାବର୍ଣ୍ଣୀ ସ୍ତ୍ରୀ ସଙ୍ଗ ପୁଣି ଇଟାଘର । ଏମାନେ ଶୀତକାଳରେ ଉଷୁମ ଲାଗନ୍ତି । ପୁଣି ଖରା ସମୟେ ଶୀତଳେ ଜଣାଯାନ୍ତି । ୯୮ ।

ସର୍ବହିଂସାନିବୃତ୍ତା ଯେ ନରାଃ ସର୍ବସହାଶ୍ଚ ଯେ ।
ସର୍ବସ୍ୟାଶ୍ରୟଭୂତାଶ୍ଚ ତେନରାଂ ସ୍ୱର୍ଗଗାମିନଃ ।

ଯାହାଙ୍କ ହୃଦୟେ ହିଂସା କରିନାହିଁ ଘର । ଯେତେ ଦୁଃଖ ହେଲେ ସେହି ସହେ ନିରନ୍ତର । ସର୍ବଜୀବେ ଦେଉଥାନ୍ତି ଯେ ଆଶ୍ରୟ ଦାନ । ଅବଶ୍ୟ ସେ ଲୋକ ଦେବସ୍ଥାନେ ପାଏ ସ୍ଥାନ ।୯୯।



ପ୍ରିୟବାକ୍ୟ ପ୍ରଦାନେନ ସର୍ବେ ତୁଷ୍ୟନ୍ତି ଜନ୍ତବଃ ।
ତସ୍ମାତ ତଦେବ ବକ୍ତବ୍ୟଂ ବଚନେ କା ଦରିଦ୍ରତା ।

କହିବ ସରଳ ମନେ ସୁମିଷ୍ଟ ବଚନ । ସାଧୁର କଥାରେ ତୋଷ ହନ୍ତି ସର୍ବଜନ । ମିଷ୍ଟକଥା କହିବାକୁ କଷ୍ଟ ହୁଏ ନାହିଁ । ତେବେ କମ୍ପା ମିଷ୍ଟକଥା କହି ନ ଯୋଗାଇ । ୧୦୦ ।

ବିଷଂ ସଙ୍କ୍ରମଣଂ ରାତ୍ରୌ ବିଷଂ ରାଜ୍ଞୋଽନୁକୂଳତା ।
ବିଷଂ ସ୍ତ୍ରୀୟୋଽପ୍ୟନ୍ୟରତାଂ ବିଷଂ ବ୍ୟାଧିରବୀକ୍ଷିତଃ ।

ରାତରେ ବୁଲିବା ବିଷପରି ଦେହଂ ଧାରେ । ରାଜା ଅନୁଗ୍ରହ ବିଷପରି ଜାଣ ନରେ । ଭାର୍ଯ୍ୟା ପରେ ରମିବେ ସ୍ୱାମୀର ବିଷ ପ୍ରାୟେ । ଚିକିତ୍ସା ନ କଲେ ରୋଗ ବିଷପରି ହୁଏ । ୧୦୧ ।

ଅନଭ୍ୟାସେ ବିଷଂ ବିଦ୍ୟା ଅଜୀର୍ଣ୍ଣେ ଭୋଜନଂ ବିଷଂ ।
ବିଷଂ ଗୋଷ୍ଠୀ ଦରିଦ୍ରସ୍ୟ ବୃଦ୍ଧସ୍ୟ ତରୁଣୀ ବିଷଂ ।

ଅଭ୍ୟାସ ନ କଲେ ବିଦ୍ୟା ହୁଏ ବିଷପରି । ଅଜୀର୍ଣ୍ଣ ଭୋଜନ ବିଷ ସଙ୍ଗେ ଅଟେ ସରି । ଦରିଦ୍ରର ବିଷ ଅଟେ କୁଟୁମ୍ବ ବହୁତ । ବୃଦ୍ଧାଙ୍କର ଯୁବାନାରୀ ଅଟେ ବିଷବତ । ୧୦୨ ।

ପ୍ରଦୋଷେ ନିହତଃ ପନ୍ଥା ପତିତାଃ ନିହତାଃ ସ୍ତ୍ରୀୟଃ ।
ଅଳ୍ପ ବୀଜଂ ହତଂ କ୍ଷେତ୍ରଃ ଭୃତ୍ୟ ଦୋଷେ ହତାଂ ପ୍ରଭୁ ।

ସନ୍ଧ୍ୟାପରେ ବାଟ ଘାଟ କିଛି ନ ଦିଶଇ । ଧର୍ମହୀନ କୁଳ-ସ୍ତ୍ରୀ ଶ ଜୀବନ୍ତେ ମରଇ । ଅଳ୍ପବୀଜ ବୁଣିଲେ ଯେ କ୍ଷେତ୍ର ନଷ୍ଟ ହୁଏ । ଭୃତ୍ୟ ଦୋଷେ ପ୍ରଭୁ ନାଶ ହୁଅଇ ନିଶ୍ଚୟେ । ୧୦୩ ।

ହତମଶ୍ରୋତ୍ରିୟଃ ଶ୍ରାଦ୍ଧଂ ହତେ ଯଜ୍ଞସ୍ତୋ ଦକ୍ଷିଣାଃ ।
ହତା ରୂପବତୀ ବନ୍ଧ୍ୟା ହତଂ ସୈନ୍ୟମନାୟକଂ ।

କର୍ମହୀନ ବ୍ରାହ୍ମଣ ବିନା ଶ୍ରାଦ୍ଧ ନଷ୍ଟ ହୁଏ । ଦକ୍ଷିଣା ନ ଦେଲେ ଯଜ୍ଞଫଳ ନାଶ ହୁଏ । ସୁନ୍ଦରୀ ଭାର୍ଯ୍ୟା ବୃଥା ସନ୍ତାନ ନୋହିଲେ । ନାଶ ହୁଏ ସୈନ୍ୟ କେହି ନାୟକ ନ ଥିଲେ । ୧୦୪ ।

ବେଦବେଦାଙ୍ଗ ତତ୍ତ୍ୱଜ୍ଞୋ ଜପୋହୋମ ପରାୟଣଃ ।
ଆଶୀର୍ବାଦ ବଚୋଯୁକ୍ତ ଏଷ ରାଜ୍ଞାଂ ପୁରୋହିତଃ ।

ବେଦବେଦାଙ୍ଗର ମର୍ମ ବୁଝିବା ପଣ୍ଡିତ । ଅତି ନିଷ୍ଠାବାନ ଜପ ତପ ଅନୁଗତ । ଆଶୀର୍ବାଦ ବାକ୍ୟମାନ ମୁଖେ ସଦା ଯାର । ରାଜ ପୁରୋହିତ ଯୋଗ୍ୟ ସେହିଟି ବିପ୍ରର । ୧୦୫ ।

କୁଳଶୀଳ ଗୁଣୋପେତଃ ସର୍ବଧର୍ମ ପରାୟଣଃ ।
ପ୍ରବୀଣଃ ପ୍ରେଷିତେ ଧ୍ୟକ୍ଷୋ ଧର୍ମାଧ୍ୟକ୍ଷୋ ବିଧୀୟତେ ।

ଉତ୍ତମ କୁଳେ ଜନମ ସବୁ ଧର୍ମ ଜାଣେ । ମହା ମହା କୁଟମାତ ସହଜେ ବଖାଣେ । ଏହି ସବୁ ସୁଲକ୍ଷଣେ । ଯେହୁ ପୂର୍ଣ୍ଣଥାଏ । ତାହାଙ୍କୁ ବିଚାରପତି କରିବା ଯୋଗାଏ । ୧୦୬ ।

ଆୟୁର୍ବେଦ କୃତାଭ୍ୟାସଃ ସର୍ବେଷାଂ ପ୍ରିୟଦର୍ଶନଃ ।
ଆର୍ଯ୍ୟଶୀଳ ଗୁଣୋପେତଃ ଏଷ ବୈଦ୍ୟ ବିଧୀୟତେ ।

ଚିକିତ୍ସା ଶାସ୍ତ୍ରକୁ ଯେହୁ ଭଲକରି ଜାଣେ । ସମସ୍ତଙ୍କୁ ଦେଖେ ସେହି ସସ୍ନେହ ଲୋଚନେ । ମହତ୍ତ୍ୱ ମର୍ଯ୍ୟାଦାଗୁଣେ ପୂର୍ଣ୍ଣ ଯେ ଅଟଇ । ବୈଦ୍ୟରାଜ ବୋଲି କରି ଶାସ୍ତ୍ରେ ତାଙ୍କୁ କହି । ୧୦୭ ।

ସକୃଦୁକ୍ତ ଗୃହୀତାର୍ଥୋ ଲଘୁହସ୍ତୋ ଜିତାକ୍ଷରଃ ।
ସର୍ବଶାସ୍ତ୍ର ସମାଲୋକ୍ୟ ପ୍ରକୃଷ୍ଟୋ ନାମ ଲେଖକଃ ।

ଶୁଣିବା ମାତ୍ରକେ ଭାବ ଅର୍ଥ ବୁଝିପାରେ । ପରିଷ୍କାର ଅକ୍ଷରକୁ ଲେଖଇ ବେଗରେ । ସର୍ବଦା ଶାସ୍ତ୍ର ସୁହାଣ ଅଭ୍ୟାସ ଯାହାର । ବିଶ୍ୱାସ ରଖିବ ଏମନ୍ତ ଲେଖକଙ୍କଠାରେ । ୧୦୮ ।

ସମସ୍ତନୀତି ଶାସ୍ତ୍ରଜ୍ଞୋ ବାହନେ ପୂଜିତାଶ୍ରମଃ ।
ଶୌର୍ଯ୍ୟବୀର୍ଯ୍ୟ ଗୁଣୋପେତଃ ସେନାଧ୍ୟକ୍ଷୋ ବିଧୀୟତେ ।

ସକଳ ନୀତିଶାସ୍ତ୍ରେ ଯେ ନିପୁଣ ଅଟଇ । ହାତୀ ଘୋଡ଼ା ରଥରେ ଯେ ଚଢ଼ିଣ ପାରଇ । ସାହସ ବଳିଷ୍ଠ ପଣେ ଅଟେ ଯେ ପ୍ରଧାନ । ସେନାପତି ପଦେ ତାଙ୍କୁ କରିବ ବରଣ । ୧୦୯ ।



ମେଧାବୀ ବାକ୍‌ପଟୁ ପ୍ରାଜ୍ଞଃ ପରଚିତ୍ତ ପରୀକ୍ଷକଃ ।
ଧୀରୋ ଯଥୋକ୍ତବାଦୀ ଚ ଏଷୋ ଦୂତ ବିଧୀୟତେ ।

ବୁଦ୍ଧିମାନ ସୁବକତା ସୁବିଜ୍ଞ ଚତୁର । ପର ଚିତ୍ତ ଜାଣିପାରେ ଅତି ଶାନ୍ତ ଧୀର । ପ୍ରକୃତ ବଚନ ଏହା ଦୂତ କରି ଜାଣ । ଦୂତପଣେ ଏ ଲୋକକୁ କରିବ ବରଣ । ୧୧୦ ।

ଅଜ୍ଞାଗନାନ୍ତାତ ପ୍ରଶସ୍ତଃ କୋପାନ୍ତାତ୍ କ୍ଷଣ ଭଙ୍ଗୁରଃ ।
ଯଶତ୍ୟା ଗଷ୍ଟନଃସଙ୍ଗା ଭବନ୍ତି ହିଁ ମହାତ୍ମାଂ ।

ଜୀବଥିବା ଯାଏ ତୋର ପୀରତି ନ ଟଳେ । କ୍ରୋଧହେଲେ ମଧ ଶାନ୍ତ ହୁଏ ଅଳ୍ପକାଳେ । ହାନି ଲାଭେ ସମଦୃଷ୍ଟି ବନ୍ଧନ ରହିତ । ଏ ମହାପୁରୁଷ ଚିହ୍ନ ଶାସ୍ତ୍ରରେ ନିହିତ । ୧୧୧ ।

ସ୍ୱେଦିତୋ ମର୍ଦ୍ଦିତୋଷ୍ଟୈବ ରଜଭିଃ ପରିବେଷ୍ଟିତଃ ।
ମୁକ୍ତୋ ଦ୍ୱାଦଶଭିର୍ବର୍ଷୈ ଶ୍ୱାନପୁଚ୍ଛ ପ୍ରକୃତିବତ୍ ।

କୁକୁରର ଲାଙ୍ଗୁଡ଼ିକୁ ତେଲ ଦେଇ ଘଷି । ସଳଖି ଦଉଡ଼ି ଦ୍ୱାରା ବାନ୍ଧି ପଛେ କସି । ବାରବର୍ଷ ପରେ ଯେବେ ତାକୁ ଫିଟାଇବ । ତେବେ ମୁଣ୍ଡା ପୂର୍ବପରି ବଙ୍କା ହୋଇଯିବ । ୧୧୨ ।

ଯସ୍ୟ ନାସ୍ତି ସ୍ୱତଃ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିଂ ।
ଲୋଚନାଭ୍ୟ ବିହୀନସ୍ୟ ଦର୍ପଣ କିଂ କରିଷ୍ୟତି ।

ବୋଧ ଶକ୍ତି ନାହିଁ ଯାର ଅଜ୍ଞାନ ମନ । କି ଲାଭ ପଢ଼ି ଅସଂଖ୍ୟ ବେଦ ଶାସ୍ତ୍ରମାନ । କର୍ମ ଦୋଷେ ନାହିଁ ଯାର ଦୁଇଟି ନୟନ । କି ଫଳ ତାହାର ଆଗେ ଧରିଲେ ଦର୍ପଣ । ୧୧୩ ।

ସୂନପୌନ ଗୁଣୋପେତଃ ଶାସ୍ତ୍ରଜ୍ଞୋ ମିଷ୍ଟପାଚକଃ ।
ଶୂରଶ୍ଚ କଠିନଶ୍ଚୈବ ସୂପକାରଃ ଉଚ୍ୟତେ ।

ସୁନ ନାନ୍ତ ଗୁଣ ଆଦି ଥିବ ଯାହାଠାରେ । ପାକ ଶାସ୍ତ୍ରମତେ ମିଷ୍ଟ ପାକ ରାନ୍ଧିପାରେ । ପରିଶ୍ରମୀ ବୀର ସେହି ଅଟଇ ସୁଜାଣ । ଏମନ୍ତ ଲୋକଙ୍କୁ ସୂପକାର କରି ଜାଣ । ୧୧୪ ।

ଜନୟନ୍ତ୍ୟର୍ଜନେ ଦୁଃଖଂ ତାପୟନ୍ତି ବିପତ୍ତିଷୁ ।
ମୋହୟନ୍ତି ଚ ସମ୍ପତ୍ତୌ କଥମର୍ଥାଃ ସୁଖାବହାଃ ।

କେତେ ଦୁଃଖ ସେହି ଲୋକ ଧନ ଅରଜନେ । ଧନ କ୍ଷୟ ହେଲେ ତତୋଧିକ ଦୁଃଖ ମନେ । ଅଧିକ ଧନ ହୋଇଲେ ଗର୍ବ ଜନମଇ । ଏପରି ଧନରେ ସୁଖ କେଭେ ନ ମିଳଇ । ୧୧୫ ।

ନାରିକେଳ ସମାକାରା ଦୃଶ୍ୟନ୍ତେଽପିତ ସଜ୍ଜନା ।
ଅନ୍ୟେ ବଦରିକା କାରା ବହିରେବ ମନୋହରାଃ ।

ନଡ଼ିଆ ପରିଏ ସାଧୁ ବାହାରେ କଠିଣ । ଭିତରେ ଥାଏ ତାଙ୍କର ଦୟା କ୍ଷମାଗୁଣ । ଖଳଲୋକ ଅଟେ ବରକୋଳିର ସମାନ । ଉପରେ କୋମଳ ହୃଦ ଅତ୍ୟନ୍ତ ପାଷାଣ । ୧୧୬ ।

ମାତରଂ ପିତରଂ ପୁତ୍ରଂ ଭ୍ରାତରଂ ବା ସୁହୃତ୍ତମଂ ।
ଲୋଭାଭିଷ୍ଟୋ ନରୋହନ୍ତି ସ୍ୱାମୀନଂ ବା ସହୋଦରଂ ।

ଲୋଭ ଯୋଗୁଁ ପିତା, ମାତା ସହୋଦର । ସ୍ୱାମୀଙ୍କ ମାରନ୍ତି ନାଶି ଲୋଭ ଏଡ଼େ କ୍ରୂର । ୧୧୭ ।

ଲୋଭାତ କ୍ରୋଧଃ ପ୍ରଭବତି କ୍ରୋଧାଦ୍ଦ୍ରୋହୋ ପ୍ରବର୍ତ୍ତତେ ।
ଦ୍ରୋହେଣ ନରକଂ ଯାତି ଶାସ୍ତ୍ରଜ୍ଞୋଽପି ବିଚକ୍ଷଣଂ ।

ଲୋଭରୁ ଜନମ ରାଗ ରାଗରୁ ଶତ୍ରୁତା । ଶତ୍ରୁତା ଜନ୍ମିଲେ ଲୋକ ଅନ୍ତରେ ମାରନ୍ତି । ଶାସ୍ତ୍ରଜ୍ଞ ହୋଇଲେ ମଧ ଜ୍ଞାନ ଯାଏ ହଜି । ତେଣୁ ସତର୍କ ରହିବ ଲୋଭକୁ ବରଜି । ୧୧୮ ।

ଜଳବିନ୍ଦୁ ନିପାତେନ କ୍ରମଶଃ ପୂର୍ଯ୍ୟତେ ଘଟଃ ।
ସ ହେତୁଃ ସର୍ବବିଦ୍ୟାନାଂ ଧର୍ମସ୍ୟଚ ଧନସ୍ୟଚ ।

ବିନ୍ଦୁ ବିନ୍ଦୁ ପଡ଼ି ଜଳ ଘଟଇ ଭିତରେ । କ୍ରମେ କ୍ରମେ ପୂର୍ଣ୍ଣ ହୁଏ ଏକ ସମୟରେ । ସେହିପରି ବିଦ୍ୟା ଧର୍ମ ଧନ ସଞ୍ଚୟରେ । କ୍ରମେ କ୍ରମେ ଲାଗିଯାଅ ହେ ସୁବୋଧ ନରେ । ୧୧୯ ।

ଏକଶ ଅଠର ଶ୍ଳୋକ ଚାଣକ୍ୟର ମତ,
ଏହା ଶିକ୍ଷାକର ନରେ ହୁଅନ୍ତି ପଣ୍ଡିତ ।

---

ମୁଦ୍ରଣ—ଓଡ଼ିଶା କୋହିନୂର ପ୍ରେସ—କଟକ-୧